## ତାର ଚୋରି ବେଳେ ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): କେବୁଲ ତାର ଚୋରି କରି ନେଉଥିବାବେଳେ ମାଷ୍ଟରକ୍ୟାଣ୍ଟିନ ସାଇ ମନ୍ଦିର ନିକଟରେ ଖାରବେଳନଗର ଥାନାର ପାଟ୍ରୋଲିଂ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଧରିଛି। ତାଙ୍କଠାରୁ ଏକ ବଣ୍ଡଲ କେବୁଲ ତାର ଜବତ ହୋଇଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ୟୁନିଟ-୩ ଏନଏସି କଲୋନୀର ତୁଇଁ ଓରଫ ମୁନା ଡିସୋଜା(୨୪)। ଏନେଇ ପୋଲିସ ମାମଲା (ନଂ-୨୦୬/୨୧) ରୁଜୁ କରି ତାଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଦୁଇ ଜଣ ଫେରାର ଥିବା ପୋଲିସ କହିଛି।



**ସଂକ୍ଷେପରେ**

## ଆପୋଲୋରେ ବିରଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୨୭।୬:** ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲ୍‌ରେ ଏକ ବିରଳ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଛି। ଜନୈକ ଅବସରପ୍ରାପ୍ତ ରେଳବାଇ କର୍ମଚାରୀ ଧାରୁଆ ମେଶିନ୍‌ରେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ବାମହାତର ବୁଢ଼ା ଆଙ୍ଗୁଠିଟି ସମ୍ପୂର୍ଣ୍ଣ ଭାବରେ କଟିଯାଇଥିଲା। ତୁରନ୍ତ କଟାଆଙ୍ଗୁଠିକୁ ବ୍ୟାଣ୍ଡେଜ୍‌ରେ ଗୁଡ଼ାଇ ସ୍ଥାନୀୟ ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ଆପୋଲୋ ହସ୍ପିଟାଲ୍‌କୁ ସ୍ଥାନାନ୍ତରଣ କରାଯାଇଥିଲା। କଟି ଯାଇଥିବା ଆଙ୍ଗୁଠିକୁ ପରୀକ୍ଷା କରାଯିବା ପରେ ଡିଜିଟାଲ୍ ଆର୍ଟେରୀ, ନର୍ଭ, ଡୋର୍ସାଲ୍ ଭେନ୍, ଏକ୍ସଟେନସର୍ ଓ ଫ୍ଲେକ୍ସର ଟେଣ୍ଡନ୍‌ଗୁଡ଼ିକୁ ପୁନଃସ୍ଥାପିତ କରାଯାଇଥିଲା। ଏହାପରେ ରୋଗୀଙ୍କୁ ଆନାସ୍ଥେସିଆ ଦିଆଯାଇ କଟିଯାଇଥିବା ସ୍ଥାନର ଅସ୍ତ୍ରୋପଚାର କରାଯାଇଥିଲା। ପ୍ରଥମେ କେ୍ୱାଇଆର୍ ଅପରେଶନ୍ ଦ୍ୱାରା ହାଡ଼ ଓ ଟେଣ୍ଡନ୍‌ଗୁଡ଼ିକୁ ଯୋଡ଼ାଯାଇଥିଲା। ଏହାପରେ ଡିଜିଟାଲ୍ ଆର୍ଟେରୀ, ନର୍ଭ, ଡୋର୍ସାଲ୍ ଭେନ୍‌ରେ ଏକ ମାଇକ୍ରୋ ସର୍ଜରି କରାଯାଇଥିଲା। ଦୀର୍ଘ ସାଢେ ତିନି ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଡାକ୍ତରମାନେ କଟା ଆଙ୍ଗୁଠିକୁ ଯୋଡ଼ିବାରେ ସଫଳ ହୋଇଥିଲେ। ପ୍ଲାଷ୍ଟିକ୍ ଏବଂ ମାଇକ୍ରୋ ଭାସ୍କୁଲାର ସର୍ଜରି ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାରରେ ଡ. ସନ୍ତୋଷ ପାଣିଗ୍ରାହୀ ସହାୟତା କରିଥିଲେ। ଡ. ସିଦ୍ଧାର୍ଥ ମହାନ୍ତି ରୋଗୀଙ୍କୁ ଆନାସ୍ଥେସିଆ ପ୍ରଦାନ କରିଥିଲେ।

## ପିଏନ୍‌ବିର ନୂଆ ମଣ୍ଡଳ ମୁଖ୍ୟ

**ଭୁବନେଶ୍ୱର,୨୭।୬:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ମିଶ୍ରଣ ପରେ ପଶ୍ଚିମ ଓଡ଼ିଶାର ୯ଟି ଜିଲାକୁ ନେଇ ଗଠିତ ନୂଆ ସମ୍ବଲପୁର ମଣ୍ଡଳର ମୁଖ୍ୟ ଭାବେ ଅରବିନ୍ଦ ପଣ୍ଡା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପଣ୍ଡା ଏହା ପୂର୍ବରୁ ପଞ୍ଜାବର ଜଳନ୍ଧର(ପୂର୍ବ) ମଣ୍ଡଳର ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ୧୯୮୯ରେ ସେ ପିଏନ୍‌ବିରେ ଅଫିସର ଭାବେ ଯୋଗଦେଇଥିଲେ। ସେ ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ପଞ୍ଜାବରେ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ସମ୍ବଲପୁର ମଣ୍ଡଳର ମୁଖ୍ୟ ଭାବେ ସେ କରୋନା ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ରିଟେଲ, ଏମ୍‌ଏସ୍‌ଏମ୍‌ଇ ଏବଂ କୃଷି କ୍ଷେତ୍ରକୁ ସହାୟତା ପ୍ରଦାନ କରିବା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ପଶ୍ଚିମ ଓଡ଼ିଶାର ଦେବଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ନୂଆପଡା, ବଲାଙ୍ଗୀର, ବୌଦ୍ଧ ଏବଂ ସୋନପୁରର ୭୪ଟି ଶାଖା ସମ୍ବଲପୁର ମଣ୍ଡଳରେ ରହିଛି।

## ଅଚିହ୍ନା ମୃତଦେହ ଜବତ

**କଟକ ଅଫିସ, ୨୭।୬:** ଚାଉଳିଆଗଞ୍ଜ ଥାନା ପୋଲିସ ରବିବାର ସନ୍ଧ୍ୟାରେ ଶିଖରପୁର ପୋଲ ନିକଟରୁ ଏକ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ସୂଚନା ମୁତାବକ, ଶିଖରପୁର ପୋଲ ନିକଟ ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲିଥିବା ଲୋକେ ଦେଖିଥିଲେ। ପରେ ଖବର ପାଇ ପୋଲିସ ପହଞ୍ଚିଥିଲା। ମୃତ ଯୁବକ ଫୁଲ୍ ପ୍ୟାଣ୍ଟ ଓ ସାର୍ଟ ପିନ୍ଧିଥିବାବେଳେ ବୟସ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହଟି ପଚିଯାଇଥିବାରୁ ମୁହଁର ସ୍ପଷ୍ଟ ଚିତ୍ର ମିଳିପାରିନାହିଁ। ଫଳରେ ମୃତଦେହର ଚିହ୍ନଟରେ ସମସ୍ୟା ହେଉଥିବା ପୋଲିସ କହିଛି।

## ଚୋରି ବାଇକ୍ ବିକ୍ରିବେଳେ ଧରାପଡ଼ିଲେ ଅଭିଯୁକ୍ତ

**ଭୁବନେଶ୍ୱର,୨୭।୬(ବ୍ୟୁରୋ):** ଚୋରି ବାଇକକୁ ବିକ୍ରି କଲାବେଳେ ଶହୀଦନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା କଟକ ଜିଲା କାନପୁର ଥାନା ଅଞ୍ଚଳର କାହ୍ନୁ ଓରଫ ବିପିନ ଦାସ (୩୫)। ଚାରିଦିନ ତଳେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ସୁଜିତ କୁମାର ଭୂୟାଁଙ୍କ ବାଇକକୁ ଅଭିଯୁକ୍ତ ବିପିନ ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ଚୋରି କରିଥିଲେ। ଏନେଇ ସୁଜିତ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ତେବେ ଚୋରାଇ ନେଇଥିବା ବାଇକକୁ ବିକ୍ରି କରିବା ପାଇଁ ବିପିନ ଗ୍ରାହକଙ୍କ ଅପେକ୍ଷାରେ ଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ତାଙ୍କୁ ଦେଖି ସନ୍ଦେହରେ ଯାଞ୍ଚ କରିବାରୁ ଉକ୍ତ ଗାଡ଼ିଟି ଚୋରା ବୋଲି ଜଣାପଡ଼ିଥିଲା। ପଚରାଉଚରାବେଳେ ବିପିନ ସତ କଥା ମାନିଯାଇଥିଲେ। ଏନେଇ ଥାନାରେ ମାମଲା(ନଂ-୨୫୬/୨୧) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଉକ୍ତ ବାଇକକୁ ମାଲିକ ସୁଜିତଙ୍କୁ ହସ୍ତାନ୍ତର କରାଯାଇଛି।

# ପଦୋନ୍ନତିକୁ ହଁ, ବଦଳିକୁ ନା

**କଟକ ଅଫିସ, ୨୭।୬**

**ପୋଲିସ ଅଧିକାରୀଙ୍କ କଟକ ମୋହ ଛାଡୁନି**

କଟକ କମିଶନରେଟ ପୋଲିସର ପଦୋନ୍ନତି ଓ ବଦଳିରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। କମିଶନରେଟ ପୋଲିସରେ କାର୍ଯ୍ୟରତ ଅଧିକାରୀଙ୍କ କଟକ ପ୍ରୀତି ଛାଡୁ ନାହିଁ। ଇତିମଧ୍ୟରେ କେତେଜଣ ଥାନା ଅଧିକାରୀଙ୍କ ଅଦଳବଦଳ ପ୍ରକ୍ରିୟା ସରିଥିବାବେଳେ ଆଉ କେତେଜଣ ପଦୋନ୍ନତି ପାଇ ମଧ୍ୟ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ସୂଚନାନୁଯାୟୀ, ଟ୍ରାଫିକ୍ ଏସିପି ପଦ ଗତ ୩ମାସ ହେଲା ଖାଲି ପଡ଼ିଛି। ସମ୍ପ୍ରତି ଜୋନ୍ ୩ ଏସିପିଙ୍କ ବଦଳି ପରେ ସେହି ସ୍ଥାନ ମଧ୍ୟ ଖାଲି ରହିଛି। ତେବେ ଜୋନ-୬ ଏସିପି ଶୁଭନାରାୟଣ ମୁଦୁଲିଙ୍କୁ ଜୋନ୍ ୩ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଚାଉଳିଆଗଞ୍ଜ ଥାନା ଅଧିକାରୀ ତାପସ ପ୍ରଧାନ ଏସିପି ପଦକୁ ପଦୋନ୍ନତି ପାଇ ମଧ୍ୟ ସେଠାରେ କାର୍ଯ୍ୟରତ ଅଛନ୍ତି। ପୁରୀ ଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ପଦୋନ୍ନତି ହୋଇ ଜଗତ୍‌ସିଂହପୁରକୁ ଡିଏସପି ଭାବେ ବଦଳି ହୋଇଛି। ତେବେ ଉଭୟ ଅଧିକାରୀ ନିଜର ବରିଷ୍ଠତା ବଜାୟ ରଖିବା ପାଇଁ ପଦୋନ୍ନତିକୁ ଗ୍ରହଣ କରିଥିବାବେଳେ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହ ସିଡିଏ ଫେଜ୍-୨ ଥାନାରେ ସନ୍ଧ୍ୟାରାଣୀ ସିଂ ଓ କନ୍ଦରପୁର ଥାନାରେ ମାସାଧିକ କାଳ ଜଣେ ଏସ୍‌ଆଇଙ୍କୁ ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ତେବେ କନ୍ଦରପୁର ଥାନା ଅଧିକାରୀ ଭାବେ ଦାୟିତ୍ୱରେ ଥିବା ଏସ୍‌ଆଇଙ୍କର ଇତିମଧ୍ୟରେ ପଦୋନ୍ନତି ସହ ସୁନ୍ଦରଗଡ଼କୁ ବଦଳି ହୋଇଯାଇଛି। ଏଣୁ ଏହି ଥାନା ଅଧିକାରୀ ପଦ ମଧ୍ୟ ଖାଲି ରହିଛି। ଅପରପକ୍ଷେ ଚୌଦ୍ୱାର ଥାନାରେ ଅତିରିକ୍ତ ଥାନା ଅଧିକାରୀ ଭାବେ ବିପିନି ବିହାରୀ ଓତା ରହିଥିବାବେଳେ ସଦର ଥାନାରେ ଅତିରିକ୍ତ ଆଇଆଇସି ଭାବେ ଅନିତା ସାହୁ ଏବଂ ଡିଆଇବିରେ ଗଙ୍ଗାଧର ଶାସିନ କାର୍ଯ୍ୟରତ ଅଛନ୍ତି। ଏସବୁ ଥାନାରେ ଆଇଆଇସି ଥିବାବେଳେ ଅତିରିକ୍ତ ଆଇଆଇସିଙ୍କୁ ଅବସ୍ଥାପିତ କରାଯାଇଛି। ତାପସ ପ୍ରଧାନଙ୍କୁ ଏସିପି ଭାବେ ପଦୋନ୍ନତି ଦିଆଯାଇଥିବାବେଳେ କମିଶନରେଟ ପୋଲିସରେ ଖାଲିଥିବା ଦୁଇଟି ଏସିପି ପଦ ମଧ୍ୟରୁ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇନାହିଁ। କଟକ କମିଶନରେଟ ପୋଲିସରେ ଏଭଳି ଅବ୍ୟବସ୍ଥା କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ପୁରୀଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି, ତାଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବାକୁ ଏପର୍ଯ୍ୟନ୍ତ କେହି ଆସି ନ ଥିବାରୁ ସେ ଏଠାରେ ରହିଛନ୍ତି। ରିଲିଭର ଆସିଲେ ସେ ନିଜ ବଦଳି ସ୍ଥାନକୁ ଚାଲିଯିବେ। ଡିସିପି ପ୍ରତୀକ୍ ସିଂ କହିଛନ୍ତି, ପଦୋନ୍ନତି ଓ ବଦଳି ହେଉଛି ପୋଲିସ ବିଭାଗର ଏକ ନିୟମିତ ପ୍ରକ୍ରିୟା। ପଦୋନ୍ନତି ପାଇଥିବା କେତେଜଣ ଅଧିକାରୀଙ୍କର ବଦଳି ପ୍ରକ୍ରିୟା ସରିଥିବାବେଳେ ଅନ୍ୟମାନଙ୍କର ମଧ୍ୟ ଯଥାଶୀଘ୍ର ଶେଷ ହେବ।



ଭୁବନେଶ୍ୱର ରାଜମହଲ ଛକରେ ପୋଲିସ ଯାଞ୍ଚ କରୁଛି।

## ଥାନାକୁ ଯାଇ କର୍ମଚାରୀଙ୍କ ସମସ୍ୟା ବୁଝିଲେ ଡିଜିପି

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ଡିଜିପି ଅଭୟ ରବିବାର ଭୁବନେଶ୍ୱର କମିଶନରେଟ୍ ପୋଲିସର କେତେକ ଥାନା ଓ ଫାଣ୍ଡି ପରିଦର୍ଶନ କରିଛନ୍ତି। ନୂତନ ଭାବେ କାର୍ଯ୍ୟ କରୁଥିବା କିଛି ଥାନାକୁ ବୁଲି ଦେଖିବା ସହ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। କରୋନା ମହାମାରୀ ସମୟରେ କରୋନାରେ ଆକ୍ରାନ୍ତ ହୋଇଥିବା ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ମଧ୍ୟ ଜାଣିବାକୁ ଚାହିଁଥିଲେ ଡିଜିପି। ଏଥିସହିତ ଜୋନ୍-୩ ଏସିପି, ଖଣ୍ଡଗିରି ଓ ଭରତପୁର ଥାନା ଅଧିକାରୀଙ୍କ ସହ ଆଲୋଚନା କରି ସାଧାରଣ ଲୋକଙ୍କ ସହ ଭଲ ସମ୍ପର୍କ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଡିଜିପି ଅଭୟ ଅପରାହ୍ନରେ ପ୍ରଥମେ ଭରତପୁରରେ ହୋଇଥିବା ନୂଆ ଥାନା ପରିଦର୍ଶନରେ ଯାଇଥିଲେ। ସେଠାରୁ ଖଣ୍ଡଗିରି, ତମାଣ୍ଡୋ ଥାନା ଏବଂ ଯାଁଳା ଫାଣ୍ଡି ପରିଦର୍ଶନ କରିଥିଲେ। ତାଙ୍କ ସହ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଡିସିପି ଉମାଶଙ୍କର ଦାସ ଉପସ୍ଥିତ ଥିଲେ।



‘ଆଜାଦୀ କା ଅମୃତ ମହୋତ୍ସବ’ ପାଳନ ଅବସରରେ ଖୋର୍ଦ୍ଧାଠାରେ ପାଇକ ବିଦ୍ରୋହ ସମରକଳା ପ୍ରଦର୍ଶନ କରାଯାଉଛି।

## ‘ଆଜାଦୀ କା ଅମୃତ ମହୋତ୍ସବ’ରେ ପାଇକ ବିଦ୍ରୋହ

**ଭୁବନେଶ୍ୱର, ୨୭।୬ (ବ୍ୟୁରୋ)**

ଭାରତ ସ୍ୱାଧୀନତା ପ୍ରାପ୍ତିର ୭୫ବର୍ଷ ପାଳନ ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ‘ଆଜାଦୀ କା ଅମୃତ ମହୋତ୍ସବ’ ପାଳନ ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ପକ୍ଷରୁ ‘ପାଇକ ବିଦ୍ରୋହ’ ଓ ‘ବକ୍ସିଙ୍କ ତ୍ୟାଗ’ ଉପରେ ସମରକଳା ପ୍ରଦର୍ଶିତ ହୋଇଥିଲା। ଖୋର୍ଦ୍ଧା ଜାତୀୟ ରାଜପଥ ନିକଟ ପଞ୍ଚପାଇକ ମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଥିଲା। ଐତିହାସିକ ପ୍ରଫେସର ନାରାୟଣ ରାଓ, ଡ. ପ୍ରତିଭାମୟୀ ମିତ୍ର ଓ ଅଧ୍ୟାପକ ଗୋପାଳ କୃଷ୍ଣ ଦାସ ଅତିଥି ଭାବେ ଯୋଗଦେଇ ପାଇକ ବିଦ୍ରୋହର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ପାଇକ ଆଖଡା ଦଳ ପକ୍ଷରୁ ସମରକଳା ପ୍ରଦର୍ଶନ କରାଯାଇଥିଲା। ଏଥିସହ ଶତାବ୍ଦୀର କଳାକାରଙ୍କ ପକ୍ଷରୁ ବକ୍ସି ଜଗବନ୍ଧୁ ନାଟକ ମଞ୍ଚସ୍ଥ ହୋଇଥିଲା। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରର ସହନିର୍ଦ୍ଦେଶକ ଅମର ଦାସ ପରିଚାଳନା କରିଥିଲେ।

## ରଥଖଳାରେ ମହାରଣା ସେବକ ଗୁରୁତର

**ପୁରୀ ଅଫିସ, ୨୭।୬**

ରଥଖଳାରେ ରବିବାର ତାଳଧ୍ୱଜ ରଥ କାମ ଚାଲିଥିବାବେଳେ ଜଣେ ମହାରଣା ସେବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଆଖି ପାଖରେ ହାତୁଡ଼ି ବାଜିବାରୁ କ୍ଷତ ସୃଷ୍ଟି ହୋଇଛି। ସେ ହେଲେ ପୁରୀ ସଦର ଗୋପୀନାଥପୁର ଅଞ୍ଚଳର ବଂଶୀଧର ମହାରଣା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ‘ନନ୍ଦନକାନନ ସୌନ୍ଦର୍ଯ୍ୟକରଣ ବୃଦ୍ଧି ଆବଶ୍ୟକ’

**ଭୁବନେଶ୍ୱର(ବ୍ୟୁରୋ)/ବାରଙ୍ଗ, ୨୭।୬(ଡି.ଏନ୍.ଏ.)**

- ଶଟ୍‌ଡାଉନରେ ହୋଇଥିଲା ସମାବେଶ
- ପୋଲିସ ଆସିବାରୁ ଛତ୍ରଭଙ୍ଗ ଦେଲେ ଲୋକ

ନନ୍ଦନକାନନ, ଚୁଡ଼ଙ୍ଗଗଡ଼ ଓ ଚନ୍ଦକା ଅଭୟାରଣ୍ୟର ବିକାଶ ଦାବି କରି ଆଞ୍ଚଳିକ ବିକାଶ କମିଟି ପକ୍ଷରୁ ରବିବାର ଦାରୁଠେଙ୍ଗ ନିକଟ ମଲ୍ଲିକ ଗାର୍ଡେନରେ ଏକ ସମାବେଶ ଓ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଜଟଣୀ ବିଧାୟକ ତଥା କମିଟି ମୁଖ୍ୟ ଉପଦେଷ୍ଟା ସୁରେଶ କୁମାର ରାଉତରାୟ ଅଧ୍ୟକ୍ଷତା କରି କହିଥିଲେ, ବିଶ୍ୱପ୍ରସିଦ୍ଧ ନନ୍ଦନକାନନକୁ ଅଧିକ ଆକର୍ଷଣୀୟ କରିବା ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ନିତାନ୍ତ ଆବଶ୍ୟକ। ନନ୍ଦନକାନନ ପ୍ରତି ରାଜ୍ୟ ସରକାର ଠିକ୍ ଦୃଷ୍ଟି ଦେଉନାହାନ୍ତି ବୋଲି ସୁରେଶ ଅଭିଯୋଗ କରିଛନ୍ତି।

ଏପରିକି ନନ୍ଦନକାନନରେ ନୂଆ ଜୀବଜନ୍ତୁ ଆଣିବା, ପଶୁପକ୍ଷୀ ମଡ଼କ କମିବା, କାଞ୍ଜିଆ ହ୍ରଦର ଶୋଭାବର୍ଦ୍ଧନ କରିବା, ରୋପୱେ, ଟୟଟ୍ରେନ ପ୍ରଚଳନ କରିବା, ଐତିହାସିକ ଚୁଡ଼ଙ୍ଗଗଡ଼ର ସୌନ୍ଦର୍ଯ୍ୟକରଣ କରିବା, ଚନ୍ଦକା ଅଭୟାରଣ୍ୟ ପ୍ରାଚୀର ଉଚ୍ଚ କରି ହାତୀମାନଙ୍କୁ ବାହାରକୁ ନ ବାହାରିବା ପାଇଁ ବ୍ୟବସ୍ଥା କରିବା, ଡମ୍ପିଂୟାର୍ଡ ସ୍ଥାନାନ୍ତର କରି ଏକ ବଗିଚା କରିବା ଆଦି ଦାବି ରଖିଥିଲେ। ଏସବୁ ଦାବି ପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବିଧାୟକ ରାଉତରାୟ କହିଥିଲେ। ଗୋଟିଏ ପଟେ ବିଧାୟକ ନନ୍ଦନକାନନ ଓ ଚନ୍ଦକା ଅଭୟାରଣ୍ୟର ଦୁର୍ଦ୍ଦଶା କଥା ସରକାରଙ୍କ ନିକଟରେ କହୁଥିବାବେଳେ ଅନ୍ୟପଟେ ରବିବାର ଶଟ୍‌ଡାଉନରେ କୋଭିଡ୍ କଟକଣା ମାନି ନଥିବା ଦେଖିବାକୁ ମିଳିଛି। ଆୟୋଜିତ ହୋଇଥିବା ଏହି ସମାବେଶରେ ଆଖପାଖ ଗ୍ରାମରୁ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଲୋକ ଏକାଠି ହୋଇଥିଲେ। ଖାଦ୍ୟପେୟର ବି ବ୍ୟବସ୍ଥା ହୋଇଥିଲା। ସମାବେଶ ଆରମ୍ଭ ହେବାର କିଛି ସମୟ ପରେ ଖବରପାଇ ଭୁବନେଶ୍ୱର ଆଡିଶନାଲ ତହସିଲଦାର ଶର୍ମିଷ୍ଠା ଦାସ ଓ ଚନ୍ଦକା ଥାନା ପୋଲିସ ମିଳିତ ଚଢାଉ କରିଥିଲେ। ଫଳରେ ଉପସ୍ଥିତ ଲୋକମାନେ ଛତ୍ରଭଙ୍ଗ ଦେଇଥିଲେ। କୋଭିଡ୍ ନିୟମକୁ ଉଲ୍ଲଂଘନ କରି ଏହି ସମାବେଶ ହୋଇଥିବାରୁ ୨୦ହଜାରେ ଟଙ୍କାର ଫାଇନ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଡିଶନାଲ ତହସିଲଦାର କହିଛନ୍ତି।



ଖବରଦାତା ସମ୍ମିଳନୀରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ସୂଚନା ଦେଉଛନ୍ତି।

## ଲେଖକର ସୃଷ୍ଟି ସମାଜ ପରିବର୍ତ୍ତନ ପାଇଁ ପ୍ରେରଣା

**ଭୁବନେଶ୍ୱର, ୨୭।୬ (ବ୍ୟୁରୋ)**

ଜଣେ ଲେଖକର ସୃଷ୍ଟି ସମାଜରେ ପରିବର୍ତ୍ତନ ପାଇଁ ପ୍ରେରଣା ଯୋଗାଇଥାଏ। ଶୃଙ୍ଖଳା, କୌତୂହଳ, ବୌଦ୍ଧିକ ଓ ଅନ୍ତରଙ୍ଗ ଭାବନା ସହିତ ସାଧାରଣ ଜୀବନ ଦର୍ଶନକୁ ପ୍ରଭାବିତ କରିବା ପାଇଁ ଜଣେ ସାହିତ୍ୟ ସୃଷ୍ଟି କରେ। ଏହା ବ୍ୟତୀତ ଅମରତ୍ୱର ଆକାଂକ୍ଷା ତଥା ନିଜ ଅହଂବୋଧର ପ୍ରତିଷ୍ଠା ପାଇଁ ମଧ୍ୟ ଜଣେ ଲେଖେ ବୋଲି କବି ତଥା ଆଇସିସିଆର୍‌ର ପୂର୍ବତନ ମହାନିର୍ଦ୍ଦେଶକ ଅମରେନ୍ଦ୍ର ଖଟୁଆ କହିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଶନିବାର ଆୟୋଜିତ ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅମରେନ୍ଦ୍ର ‘ଆମେ ଲେଖିବା କାହିଁକି’ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସେ କହିଲେ, ପାଠକକୁ ଆନ୍ଦୋଳିତ କରିବା ଓ ଜୀବନକୁ ଶୃଙ୍ଖଳିତ ଓ ଉତ୍ସାହିତ କରିବା ନିମନ୍ତେ ଲେଖକ ଉଦ୍ୟମ କରିଥାଏ । ସାମାଜିକ ଚିନ୍ତାଧାରାକୁ ପ୍ରଭାବିତ କରିବା ପାଇଁ ଲେଖକ ପ୍ରୟାସ ଜାରି ରଖେ ବୋଲି ପ୍ରକାଶ କରିଥିଲେ। ଟ୍ରଷ୍ଟ ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ରଞ୍ଜନ ମହାପାତ୍ର, ଡ. ଦେବାଶିଷ ମହାପାତ୍ର, ଅଶୋକ ସିଂ, ସଞ୍ଜୟ ମହାନ୍ତି, ଡ. ମୀନାକ୍ଷୀ ସିଂ, ଉମାକାନ୍ତ ରାଉତ, ବିଦେଶୀ ଭଞ୍ଜ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସାହିତ୍ୟ ଏକାଡେମୀ ପୁରସ୍କୃତ କବି ରକ୍ଷକ ନାୟକ ପରିଚାଳନା କରିଥିଲେ।

## ଆସ୍ଥା, ସମର୍ପଣ, ଅନୁଭବର ଠାକୁର ଶ୍ରୀଜଗନ୍ନାଥ

**ପୁରୀ ଅଫିସ, ୨୭।୬**

ଶ୍ରୀକ୍ଷେତ୍ର ସୂଚନା ଆନୁକୂଲ୍ୟରେ ରବିବାର ଜାତୀୟସ୍ତରୀୟ ଆଲୋଚନାଚକ୍ର ‘ମୋ ଅନୁଭୂତିରେ ଶ୍ରୀଜଗନ୍ନାଥ’ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପର୍ଯ୍ୟଟନ, ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଆସ୍ଥା, ବିଶ୍ୱାସ, ସମର୍ପଣ ଏବଂ ଅନୁଭବର ଠାକୁର ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱବନ୍ଦିତ ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି। ପ୍ରାରମ୍ଭରେ ବେଦ ଓ ଶଙ୍ଖଧ୍ୱନି ମଧ୍ୟରେ ସିଂହଦ୍ୱାରଠାରେ ସେବାୟତ ସୌମେନ୍ଦ୍ର ମୁଦୁଲି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନୁଷ୍ଠାନ ଉପଦେଷ୍ଟା ଗୀତିକାର ବଦ୍ରି ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ରାଜେଶ କୁମାର ମହାନ୍ତି ସଞ୍ଚାଳନ କରିଥିଲେ। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ୍ କୁମାର, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ଗୁଜରାଟସ୍ଥିତ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ମିଶ୍ର, ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଭାକର ଶତପଥୀ, ଉପଦେଷ୍ଟା ହରେକୃଷ୍ଣ ଶତପଥୀ, ଓଡିଶା ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଟିକାୟତରାୟ ପ୍ରମୁଖ ଯୋଗଦେଇଥିଲେ। ଉପାଧ୍ୟକ୍ଷ ଭରତ ନାୟକ ଧନ୍ୟବାଦ ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ନୃତ୍ୟକୁ ନେଇ ଆଗାମୀ ଦିନରେ ଏକ ଜାତୀୟ ସମାବେଶ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି କହିଥିଲେ।

# ଶଟ୍‌ଡାଉନ୍‌ରେ ୨ହଜାରରୁ ଉର୍ଦ୍ଧ୍ୱ ଟେଷ୍ଟିଂ

**ଭୁବନେଶ୍ୱର, ୨୭।୬ (ବ୍ୟୁରୋ)**

କରୋନା ପ୍ରକୋପ ରାଜଧାନୀରେ କିଛି ମାତ୍ରାରେ ହ୍ରାସ ପାଇଥିଲେ ମଧ୍ୟ ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଚିନ୍ତା ବଢ଼ିଛି। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟିକାକରଣ ଓ ଟେଷ୍ଟିଂକୁ ଗୁରୁତ୍ୱ ଦିଆଯାଉଛି। ରବିବାର ଶଟ୍‌ଡାଉନ୍‌ରେ ବି ସହରରେ ୨ ହଜାରରୁ ଅଧିକ ନାଗରିକଙ୍କ କରୋନା ଟେଷ୍ଟିଂ କରାଯାଇଛି। ବିଶେଷକରି କଣ୍ଟେନମେଣ୍ଟ ଜୋନ୍, ସର୍ବସାଧାରଣ ଅଞ୍ଚଳ, ବସ୍ତି ଅଞ୍ଚଳ, ଟିକାକେନ୍ଦ୍ର, କଲୋନୀ ଏବଂ ବିଭିନ୍ନ ମାର୍କେଟ ଅଞ୍ଚଳରେ ଟେଷ୍ଟିଂ କରାଯାଇଥିଲା। ଉତ୍ତର ଜୋନ୍‌ରେ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍, ବିଶ୍ୱେଶ୍ୱର ବସ୍ତି, ଦକ୍ଷିଣ ପଶ୍ଚିମ ଜୋନ୍‌ରେ ସହରାଞ୍ଚଳ ବାସହୀନ ଆଶ୍ରୟସ୍ଥଳ ଏକାମ୍ର ନିଳୟ, ଡେଲ୍ଟା ଛକସ୍ଥିତ କେଶରୀ ପ୍ୟାଲେସ୍, ଦକ୍ଷିଣ ପୂର୍ବ ଜୋନ୍‌ର ଖାରବେଳ ନଗରସ୍ଥିତ ବାସହୀନ ଆଶ୍ରୟ ସ୍ଥଳ, ପୁରୁଣା ଏଜି କଲୋନୀ, ଚିନ୍ତାମଣିଶ୍ୱର, ଆନନ୍ଦ ବଜାର ବସ୍ତି, ଏସ୍‌ପ୍ଲାନେଡ୍ ମଲ୍, ଉତ୍କଳ ଗ୍ୟାଲେରିଆ ମଲ୍, ବିଗ୍ ବଜାର ପରିସରରେ ଟେଷ୍ଟିଂ କେନ୍ଦ୍ର ଖୋଲାଯାଇଥିଲା। ଉତ୍ତର ଜୋନ୍‌ରେ ୮୩୧ଜଣ, ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ୫୭୩ ଜଣ ଏବଂ ଦକ୍ଷିଣ-ପୂର୍ବ ଜୋନ୍‌ରେ ୬୧୭ ଜଣଙ୍କର ଟେଷ୍ଟିଂ କରାଯାଇଛି। ଗତ ୨୨ ତାରିଖରେ ୩୩୦୫ ଜଣଙ୍କ କରୋନା ଟେଷ୍ଟିଂ କରାଯାଇଥିବାବେଳେ ୨୩ରେ ୩୧୨୫ ଜଣ, ୨୪ରେ ୩୨୯୮ ଜଣ, ୨୫ରେ ୩୩୧୪ଜଣ ଓ ୨୬ ତାରିଖରେ ୬୬୭୯ ଜଣଙ୍କର ଟେଷ୍ଟିଂ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷେ ରାଜଧାନୀର ୩ ଆଡମିନିଷ୍ଟ୍ରେଟିଭ୍ ଜୋନ୍‌ରେ ଚିହ୍ନଟ ହୋଇଥିବା ବିଭିନ୍ନ ମାଇକ୍ରୋ କଣ୍ଟେନମେଣ୍ଟ ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ସାନିଟାଇଜ୍ କରାଯାଇଛି। ଟେଷ୍ଟିଂ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଦ୍ୱାରା ସହରରେ ମହାମାରୀର ଭାର ହ୍ରାସ କରିବାରେ ସହାୟକ ହେବ ବୋଲି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି।



### ୯୦ ହଜାର ମୁହାଁ ସଂକ୍ରମଣ, ଆଉ ୫ ମୃତ

**ଭୁବନେଶ୍ୱର, ୨୭।୬ (ବ୍ୟୁରୋ)**

ରାଜଧାନୀରେ ଦୈନିକ ସଂକ୍ରମଣ ୩ଶହ ମଧ୍ୟରେ ରହୁଥିବାବେଳେ ଆକ୍ରାନ୍ତ ସଂଖ୍ୟା ୯୦ ହଜାର ମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ସହରରୁ ଆଉ ୩୨୩ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୧୭ଜଣ ରହିଛନ୍ତି। ସେହିପରି ଆଇଆର୍‌ସି ଭିଲେଜରୁ ୧୫ଜଣ, ଚନ୍ଦ୍ରଶେଖରପୁରରୁ ୧୭, ଡୁମୁଡୁମାରୁ ୧୧, ଖଣ୍ଡଗିରିରୁ ୧୫, ରସୁଲଗଡରୁ ୭, ନୟାପଲ୍ଲୀରୁ ୮, ପୁରୁଣାଭୁବନେଶ୍ୱରରୁ ୮, ସତ୍ୟନଗରରୁ ୩, ୟୁନିଟ୍-୨ରୁ ୨, ନୀଳାଦ୍ରିବିହାର, ୟୁନିଟ-୯, ୟୁନିଟ୍-୬, ଲକ୍ଷ୍ମୀସାଗର ଓ କଳିଙ୍ଗ ନଗରରୁ ୫ଜଣ ଲେଖାଏ, ବଡଗଡ, ବରମୁଣ୍ଡା, ପଳାଶୁଣୀ ଓ ପାତ୍ରପଡାରୁ ୭ଜଣ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତ ସଂଖ୍ୟା ୮୯,୧୮୫ ଛୁଇଁଛି।

ଅନ୍ୟପକ୍ଷରେ ଆଉ ୫ଜଣଙ୍କ ଜୀବନ ନେଇଛି କରୋନା। ଏହାକୁ ମିଶାଇ ମୋଟ୍ ମୃତ୍ୟୁ ସଂଖ୍ୟା ୪୩୫କୁ ବୃଦ୍ଧି ପାଇଛି। ସେହିପରି ୩୮୭ଜଣ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୮୭,୩୧୪କୁ ବୃଦ୍ଧି ପାଇଛି। ବର୍ତ୍ତମାନ ଭୁବନେଶ୍ୱରରେ ୧୪ଶହ ୧୫ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

## ଚିତ୍ରୋତ୍ପଳା ନଦୀରେ ବୃଦ୍ଧା ଭାସିଗଲେ

**ନିଶ୍ଚିନ୍ତକୋଇଲି, ୨୭।୬(ସ୍ୱ.ପ୍ର.)**

ଶୌଚ ହେବାକୁ ଯାଇ ଗୋଡ଼ ଖସିଯିବାରୁ ରବିବାର ଜଣେ ବୃଦ୍ଧା ନଦୀରେ ବୁଡି ଯାଇଛନ୍ତି। ସେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ କିଶନ ନଗର ଥାନା ଅଧୀନ ମହମ୍ମଦପୁର ଗ୍ରାମର ଶଶି ପାତ୍ର (୭୨)। ସ୍ଥାନୀୟ ଅଞ୍ଚଳ ଦେଇ ପ୍ରବାହିତ ଚିତ୍ରୋତ୍ପଳା ନଦୀକୁ ସେ ସକାଳେ ଶୌଚ ହେବାକୁ ଯାଇ ଆଉ ଫେରି ନ ଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ଦୀର୍ଘ ସମୟ ପରେ ଶଶିଙ୍କ ମୃତଦେହ ପାଣିରେ ଭାସିଥିଲା। ଗ୍ରାମବାସୀ ମୃତଦେହ ପାଣିରୁ ଆଣି ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଏ ସମ୍ପର୍କରେ କିଶନ ନଗର ଥାନା ଆଇଆଇସି ସସ୍ମିତା ରଣା କହିଛନ୍ତି, ତାଙ୍କ ପାଖରେ ଏନେଇ କୌଣସି ସୂଚନା ନାହିଁ।

# ସଜନଙ୍କ ଜାତୀୟ ରେକର୍ଡ

**ନୂଆଦିଲ୍ଲୀ, ୨୭।୬ (ପି.ଟି.)**

ଇଟାଲୀର ରୋମ୍‌ଠାରେ ଚାଲିଥିବା ସିଟେ କୋଲି ଟ୍ରଫି ସନ୍ତରଣ ପ୍ରତିଯୋଗିତାରେ ଭାରତର ସଜନ ପ୍ରକାଶ ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଫିନା ସ୍ୱୀକୃତିପ୍ରାପ୍ତ


ସଜନ ପ୍ରକାଶ

## ୨୦୦ମିଟର ଫ୍ରିଷ୍ଟାଇଲ୍

ଏହି ଅଲିମ୍ପିକ କ୍ୱାଲିଫାୟରରେ ପ୍ରକାଶ ୧:୪୯.୭୩ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ବିର୍ଦ୍ଧୱାଲ ଖାଡେଙ୍କ ନାମରେ ରହିଥିଲା ଖାଡେ ୨୦୧୦ ଏସିଆନ ଗେମ୍ସରେ ୧:୪୯.୮୬ ସେକେଣ୍ଡ ଟାଇମିଂରେ ବ୍ରୋଞ୍ଜ ଜିତିବା ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏଥିକୁ ମିଶାଇ ସଜନ ଚଳିତ ମାସରେ ୩ଥର ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଶନିବାର ପୁରୁଷ ୨୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ ସେ ରେକର୍ଡ ଭଙ୍ଗକରୀ ୧:୫୬.୩୮ ସେକେଣ୍ଡ ଟାଇମିଂ ସହ ପ୍ରଥମ ଭାରତୀୟ ସନ୍ତରଣକାରୀ ଭାବେ ଅଲିମ୍ପିକ କ୍ୱାଲିଫାଇଂ ଟାଇମ୍ ହାସଲ କରିଥିଲେ। ସଜନ ଗତ ସପ୍ତାହରେ ବେଲଗ୍ରେଡ୍ ଟ୍ରଫି ସନ୍ତରଣ ପ୍ରତିଯୋଗିତାରେ ୧:୫୬.୯୬ ସେକେଣ୍ଡ ଟାଇମିଂ ସହ ନିଜ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ଭଙ୍ଗ କରିଥିଲେ।

# ମେଲବୋର୍ନ କ୍ଲବ ପାଇଁ ଖେଳିବେ ଯୁବରାଜ ଓ ଗେଲ୍

**ମେଲବୋର୍ନ, ୨୭।୬ (ପି.ଟି.):** ଚଳିତ ଗ୍ରୀଷ୍ମ ଋତୁରେ ମେଲବୋର୍ନରେ ଅବସ୍ଥିତ ମଲ୍‌ଗ୍ରେଭ୍ କ୍ରିକେଟ କ୍ଲବ ତରଫରୁ ଟି୨୦ କ୍ରିକେଟ ଖେଳିପାରନ୍ତି ଭାରତର ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂ ଓ ୱେଷ୍ଟଇଣ୍ଡିଜର ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍। ଦୁଇ ଖେଳାଳିଙ୍କ ସହ ଖୁବ୍‌ଶୀଘ୍ର ଚୁକ୍ତି ସ୍ୱାକ୍ଷରିତ ହେବ। ଏନେଇ କଥାବାର୍ତ୍ତା ଜାରି ରହିଥିବା କ୍ଲବ ତରଫରୁ ସୂଚନା ଦିଆଯାଇଛି। ମଲ୍‌ଗ୍ରେଭ୍ କ୍ରିକେଟ କ୍ଲବ ମେଲବୋର୍ନ ଇଷ୍ଟର୍ନ କ୍ରିକେଟ ଆସୋସିଏଶନ (ଇସିଏ) ଦ୍ୱାରା ଆୟୋଜିତ ଏକ ତୃତୀୟ ଡିଭିଜନ ପ୍ରତିଯୋଗିତାରେ ଖେଳିଥାଏ। କ୍ଲବ ତରଫରୁ ଆହୁରି ମଧ୍ୟ ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ବ୍ରାଏନ ଲାରା ଓ ଦକ୍ଷିଣ ଆଫ୍ରିକାର ମହାନ୍ ଖେଳାଳି ଏବିଡି'ଭିଲର୍ସଙ୍କ ସହ ଯୋଗାଯୋଗ ଚାଲିଛି। ତିଳକରତ୍ନେ ଦିଲ୍‌ସାନ ଓ ଉପୁଲ ଥରଙ୍ଗା ଏହି କ୍ଲବ ତରଫରୁ ଖେଳିବେ।

# ଟୋକିଓ ଅଲିମ୍ପିକ୍ସରୁ ଓହରିଲେ ସେରେନା



**ଲଣ୍ଡନ,୨୭।୬**

ଆମେରିକୀୟ ଅଭିଜ୍ଞ ମହିଳା ଟେନିସ ତାରକା ସେରେନା ୱିଲିୟମ୍ସ ଆସନ୍ତାମାସ ଆରମ୍ଭ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସରୁ ଓହରିଯାଇଛନ୍ତି। ଅଲିମ୍ପିକ୍ସ ଅଂଶଗ୍ରହଣ କରିବେ ନାହିଁ ବୋଲି ସେ ରବିବାର କହିଛନ୍ତି। ପୂର୍ବରୁ ସ୍ପେନ୍ ତାରକା ରାଫାଲ ନାଡାଲ ମଧ୍ୟ ଅଲିମ୍ପିକ୍ସରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ୱିମ୍ବେଲଡନ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ୩୯ ବର୍ଷୀୟ ସେରେନା ଏ ନେଇ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ସେରେନା କିନ୍ତୁ ଅଲିମ୍ପିକ୍ସରେ ବେଶ ସଫଳତା ହାସଲ କରିଛନ୍ତି। ସେ ଓ ତାଙ୍କ ବଡ଼ ଭଉଣୀ ଭେନସ ସିଙ୍ଗଲ୍ସରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ଡବଲ୍ସରେ ୩ଟି ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥର ୱିମ୍ବେଲଡନରେ ସେ ସଫଳ ହେଲେ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ଅଷ୍ଟ୍ରେଲିଆର ମାର୍ଗରେଟ କୋର୍ଟଙ୍କ ବିଶ୍ୱ ରେକର୍ଡର ସମକକ୍ଷ ହେବେ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସେ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ପୋଏଲ ଜିତିଲେ ଦ୍ୱିତୀୟ ଷ୍ଟେଜ୍

**ପ୍ୟାରିସ୍, ୨୭।୬:** ଆଲ୍‌ପେସିନ ଫେନିକ୍ସ ଟିମ୍‌ର ମାଥ୍ୟୁ ଭାନ୍ ଡର୍ ପୋଏଲ୍ ୧୮୩.୫ କିଲୋମିଟର ଦୂରତା ବିଶିଷ୍ଟ ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ଦ୍ୱିତୀୟ ଷ୍ଟେଜ୍ ବିଜେତା ହୋଇଛନ୍ତି। ରବିବାର ସେ ୪ ଘଣ୍ଟା ୧୮ ମିନିଟ ଓ ୩୦ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ଏଥିସହିତ ନେଦରଲାଣ୍ଡର ଏହି ୨୬ ବର୍ଷୀୟ ସାଇକ୍ଲିଷ୍ଟ ୟଲୋ ଜର୍ସି ହାସଲ କରିଛନ୍ତି। ଗତଥରର ଚାମ୍ପିୟନ ଟାଡେଜ ପୋଗାକାର ଓ ପ୍ରିମୋଜ୍ ରୋଗ୍‌ଲିକ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ୪ର୍ଥରୁ ୧୦ମ ସ୍ଥାନରେ ଯଥାକ୍ରମେ ୱିଲ୍‌କୋ କେଲଡରମ୍ୟାନ, ଜୁଲିଆନ ଅଲାଫିଲିପ୍, ବେକ୍ ମୋଲେମା, ଜୋନାସ ଭିଙ୍ଗେଗାର୍ଡ, ସର୍ଗିଓ ହିଗୁଇଟା, ପିଏରେ ଲାଟୁର୍ ଓ ଜ୍ୟାକ୍ ହେଗ୍ ପ୍ରମୁଖ ରହିଥିଲେ। ଶନିବାର ରେସ୍‌ରେ ଜଣେ ଦର୍ଶକଙ୍କ ଯୋଗୁ କେତେଜଣ ସାଇକ୍ଲିଷ୍ଟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫ୍ରେଞ୍ଚ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାର ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଛି।

# ୱେଷ୍ଟଇଣ୍ଡିଜ ବିଜୟୀ

**ସେଣ୍ଟ ଜର୍ଜ, ୨୭।୬ (ଏପି):** ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୮ଉଇକେଟରେ ବିଜୟ ହାସଲ କରିଛି। ଭ୍ରମଣକାରୀ ଦଳ ଦ୍ୱାରା ଧାର୍ଯ୍ୟ ୧୬୧ରନର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୧୫ ଓଭରରେ ମାତ୍ର ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଏଭିନ୍ ଲିୱିସ୍ ୭୧ ରନ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଲିୱିସ୍ ପ୍ରଥମ ଉଇକେଟରେ ଆନ୍ଦ୍ରେ ଫ୍ଲେଚରଙ୍କ ସହ ୮୫ ରନ ଏବଂ କ୍ରିସ୍ ଗେଲ୍‌ଙ୍କ ସହ ଦ୍ୱିତୀୟ ଉଇକେଟରେ ୩୯ରନ ଯୋଗ କରି ଦଳର ବିଜୟପଥକୁ ସୁଗମ କରିଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ବାଇକ୍ ଛାଡ଼ି ଚମ୍ପଟ ମାରିଲେ ଦୁର୍ବୃତ୍ତ

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଥାନା ଅଧୀନ ଶୁକରପଡା ବଜାରରେ ଶନିବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ବିଫଳ ହୋଇଛି। ଦୁର୍ବୃତ୍ତମାନେ ସାଙ୍ଗରେ ଆଣିଥିବା ବାଇକକୁ ଛାଡ଼ି ପଳାଇଛନ୍ତି। ୪ ଜଣ ଦୁର୍ବୃତ୍ତ ବିଳମ୍ବିତ ରାତିରେ ବଜାରକୁ ଆସିଥିଲେ। ସେମାନେ ଏକ ଦୋକାନରୁ ଚୋରି କରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଉଠିଯାଇ ହୋହାଲ୍ଲା କରିଥିଲେ। ଫଳରେ ଦୁର୍ବୃତ୍ତମାନେ ଭୟରେ ଘଟଣାସ୍ଥଳ ଛାଡ଼ି ଚମ୍ପଟ ମାରିଥିଲେ। ପରେ ସ୍ଥାନୀୟ ଲୋକେ ଦୁର୍ବୃତ୍ତ ଆଣିଥିବା ବାଇକ୍‌କୁ ପୋଲିସ ଜିମା ଦେଇଛନ୍ତି।



## ସଂକ୍ଷେପରେ

### ଅଚିହ୍ନା ମୃତଦେହ ଜବତ

କଟକ ଅଫିସ, ୨୭।୬: ଚାଉଳିଆଗଞ୍ଜ ଥାନା ପୋଲିସ ରବିବାର ସନ୍ଧ୍ୟାରେ ଶିଖରପୁର ପୋଲ ନିକଟରୁ ଏକ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ସୂଚନା ମୁତାବକ, ଶିଖରପୁର ପୋଲ ନିକଟ ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲିଥିବା ଲୋକେ ଦେଖିଥିଲେ। ପରେ ଖବର ପାଇ ପୋଲିସ ପହଞ୍ଚିଥିଲା। ମୃତ ଯୁବକ ଫୁଲ୍ ପ୍ୟାଣ୍ଟ ଓ ସାର୍ଟ ପିନ୍ଧିଥିବାବେଳେ ବୟସ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହଟି ପଚିଯାଇଥିବାରୁ ମୁହଁର ସ୍ପଷ୍ଟ ଚିତ୍ର ମିଳିପାରିନାହିଁ। ଫଳରେ ମୃତଦେହର ଚିହ୍ନଟରେ ସମସ୍ୟା ହେଉଥିବା ପୋଲିସ କହିଛି।

### ୩ ବଖରା ଜଳିଗଲା

ନିଶ୍ଚିନ୍ତକୋଇଲି,୨୭।୬(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ଝାଡେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୩ ବଖରା ଜଳିଯାଇଛି। ସେମାନେ ହେଲେ ସୁରେନ୍ଦ୍ର ବାରିକ, ନିରଞ୍ଜନ ବାରିକ ଓ ଧୀରେନ୍ଦ୍ର ବାରିକ। ଅଗ୍ନିକାଣ୍ଡରେ ସେମାନଙ୍କ ଘରର ଧାନ ଚାଉଳ ସମେତ ଆସବାବପତ୍ର ଓ ମୂଲ୍ୟବାନ କାଗଜପତ୍ର ଆଦି ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ। ସ୍ଥାନୀୟ ଲୋକେ ଓ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ପୋଡ଼ି ଯାଇଥିଲା। ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

### ମଦ ଜବତ, ୪ ଗିରଫ

କଟକ ଅଫିସ, ୨୭।୬: ମାଲଗୋଦାମ ଥାନା ପୋଲିସ ଯୋବ୍ରା ତଳସାହି ଓ ସମାଧିପାଟଣା ଅଞ୍ଚଳରୁ ୩୦୦ ବୋତଲ ଦେଶୀମଦ ଜବତ କରିଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଯୋବ୍ରା ତଳସାହିର ସୁଧୀର କୁମାର ସାହୁ, ପପୁ ଦାସ, ସମାଧିପାଟଣାର ଭାବଗ୍ରାହୀ ଲେଙ୍କା ଓ ସୁମନ୍ତ ଲେଙ୍କା। ଶଟ୍‌ଡାଉନ ସୁଯୋଗରେ ଏମାନେ ଚୋରା ମଦ କାରବାର କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା ବୋଲି ମାଲଗୋଦାମ ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି।

### ଚିତ୍ରୋତ୍ପଳା ନଦୀରେ ବୃଦ୍ଧା ଭାସିଗଲେ

ନିଶ୍ଚିନ୍ତକୋଇଲି,୨୭।୬(ସ୍ୱ.ପ୍ର.) ଶୌଚ ହେବାକୁ ଯାଇ ଗୋଡ଼ ଖସିଯିବାରୁ ରବିବାର ଜଣେ ବୃଦ୍ଧା ନଦୀରେ ବୁଡି ଯାଇଛନ୍ତି। ସେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ କିଶନ ନଗର ଥାନା ଅଧୀନ ମହମ୍ମଦପୁର ଗ୍ରାମର ଶଶି ପାତ୍ର (୭୨)। ସ୍ଥାନୀୟ ଅଞ୍ଚଳ ଦେଇ ପ୍ରବାହିତ ଚିତ୍ରୋତ୍ପଳା ନଦୀକୁ ସେ ସକାଳେ ଶୌଚ ହେବାକୁ ଯାଇ ଆଉ ଫେରି ନ ଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ମିଳି ନ ଥିଲା। ଦୀର୍ଘ ସମୟ ପରେ ଶଶିଙ୍କ ମୃତଦେହ ପାଣିରେ ଭାସିଥିଲା। ଗ୍ରାମବାସୀ ମୃତଦେହ ପାଣିରୁ ଆଣି ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଏ ସମ୍ପର୍କରେ କିଶନ ନଗର ଥାନା ଆଇଆଇସି ସସ୍ମିତା ରଣା କହିଛନ୍ତି, ତାଙ୍କ ପାଖରେ କୌଣସି ସୂଚନା ନାହିଁ।

### ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ

କଟକ ଅଫିସ, ୨୭।୬: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ରେଭେନ୍‌ଶା କଲେଜିଏଟ୍ ସ୍କୁଲ ପରିଦର୍ଶନ କରିଛନ୍ତି। ସଚିବ ସାହୁ ଶୁକ୍ରବାର ଏହି ସ୍କୁଲର ନେତାଜୀ ଛାତ୍ରାବାସ, ପ୍ରେକ୍ଷାଳୟ, ସ୍ମାର୍ଟ କ୍ଲାସରୁମ୍ ଦେଖିବା ସହ ଭିଡିଓ କଲ୍ ମାଧ୍ୟମରେ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ସେହିପରି ବିଦ୍ୟାଳୟରେ ମୋ ସ୍କୁଲ ଯୋଜନାରେ କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଅନୁଧ୍ୟାନ କରିବା ସହ ବିଦ୍ୟାଳୟର ପ୍ରଗତି ଏବଂ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ରାୟ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ, ସୋନାମିକ ରାୟ, ଦୀପ୍ତିମୟୀ ଶୁଭଦର୍ଶିନୀ, ଅତିଥି ଶିକ୍ଷକ ଡ. ବିପିନ ବିହାରୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପଦୋନ୍ନତିକୁ ହଁ, ବଦଳିକୁ ନା

କଟକ ଅଫିସ, ୨୭।୬

କଟକ କମିଶନରେଟ ପୋଲିସର ପଦୋନ୍ନତି ଓ ବଦଳିରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। କମିଶନରେଟ ପୋଲିସରେ କାର୍ଯ୍ୟରତ ଅଧିକାରୀମାନଙ୍କର କଟକ ପ୍ରୀତି ଛାଡୁ ନାହିଁ। ଇତିମଧ୍ୟରେ କେତେଜଣ ଥାନା ଅଧିକାରୀଙ୍କର ଅଦଳବଦଳ ପ୍ରକ୍ରିୟା ସରିଥିବାବେଳେ ଆଉ କେତେଜଣ ପଦୋନ୍ନତି ପାଇ ମଧ୍ୟ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ସୂଚନାନୁଯାୟୀ, ଟ୍ରାଫିକ୍ ଏସିପି ପଦ ଗତ ୩ମାସ ହେଲା ଖାଲି ପଡ଼ିଛି। ସମ୍ପ୍ରତି ଜୋନ୍ ୩ ଏସିପିଙ୍କ ବଦଳି ପରେ ସେହି ସ୍ଥାନ ମଧ୍ୟ ଖାଲି ରହିଛି। ତେବେ ଜୋନ-୬ ଏସିପି ଶୁଭନାରାୟଣ ମୁଦୁଲିଙ୍କୁ ଜୋନ୍ ୩ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଚାଉଳିଆଗଞ୍ଜ ଥାନା ଅଧିକାରୀ ତାପସ ପ୍ରଧାନ ଏସିପି ପଦକୁ ପଦୋନ୍ନତି ପାଇ ମଧ୍ୟ ସେଠାରେ କାର୍ଯ୍ୟରତ ଅଛନ୍ତି। ପୁରୀ ଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ପଦୋନ୍ନତି ହୋଇ ଜଗତ୍‌ସିଂହପୁରକୁ ଡିଏସପି ଭାବେ ବଦଳି ହୋଇଛି। ତେବେ ଉଭୟ ଅଧିକାରୀ ନିଜର ବରିଷ୍ଠତା ବଜାୟ ରଖିବା ପାଇଁ ପଦୋନ୍ନତିକୁ ଗ୍ରହଣ କରିଥିବାବେଳେ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହ ସିଡିଏ ଫେଜ୍-୨ ଥାନାରେ ସନ୍ଧ୍ୟାରାଣୀ ସିଂ ଓ କନ୍ଦରପୁର ଥାନାରେ ମାସାଧିକ କାଳ ଜଣେ ଏସ୍‌ଆଇଙ୍କୁ ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ତେବେ କନ୍ଦରପୁର ଥାନା ଅଧିକାରୀ ଭାବେ ଦାୟିତ୍ୱରେ ଥିବା ଏସ୍‌ଆଇଙ୍କର ଇତିମଧ୍ୟରେ ପଦନ୍ନୋତି ସହ ସୁନ୍ଦରଗଡ଼କୁ ବଦଳି ହୋଇଯାଇଛି।

### ପୋଲିସ ଅଧିକାରୀଙ୍କ କଟକ ମୋହ ଛାଡୁନି

ଏଣୁ ଏହି ଥାନା ଅଧିକାରୀ ପଦ ମଧ୍ୟ ଖାଲି ରହିଛି। ଅପରପକ୍ଷେ ଚୌଦ୍ୱାର ଥାନାରେ ଅତିରିକ୍ତ ଥାନା ଅଧିକାରୀ ଭାବେ ବିପିନି ବିହାରୀ ଓତା ରହିଥିବାବେଳେ ସଦର ଥାନାରେ ଅତିରିକ୍ତ ଆଇଆଇସି ଭାବେ ଅନିତା ସାହୁ ଏବଂ ଡିଆଇବିରେ ଗଙ୍ଗାଧର ଶାସିନ କାର୍ଯ୍ୟରତ ଅଛନ୍ତି। ଏସବୁ ଥାନାରେ ଆଇଆଇସି ଥିବାବେଳେ ଅତିରିକ୍ତ ଆଇଆଇସିଙ୍କୁ ଅବସ୍ଥାପିତ କରାଯାଇଛି। ତାପସ ପ୍ରଧାନଙ୍କୁ ଏସିପି ଭାବେ ପଦୋନ୍ନତି ଦିଆଯାଇଥିବାବେଳେ କମିଶନରେଟ ପୋଲିସରେ ଖାଲିଥିବା ଦୁଇଟି ଏସିପି ପଦ ମଧ୍ୟରୁ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇନାହିଁ। କଟକ କମିଶନରେଟ ପୋଲିସରେ ଏଭଳି ଅବ୍ୟବସ୍ଥା କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ପୁରୀଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି, ତାଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବାକୁ ଏପର୍ଯ୍ୟନ୍ତ କେହି ଆସି ନ ଥିବାରୁ ସେ ଏଠାରେ ରହିଛନ୍ତି। ରିଲିଭର ଆସିଲେ ସେ ନିଜ ବଦଳି ସ୍ଥାନକୁ ଚାଲିଯିବେ। ସେହିପରି ଡିସିପି ପ୍ରତୀକ୍ ସିଂ କହିଛନ୍ତି, ପଦୋନ୍ନତି ଓ ବଦଳି ପ୍ରକ୍ରିୟା ପୋଲିସର ଏକ ଆନ୍ତରିକ ବ୍ୟାପାର। ତେବେ ପଦୋନ୍ନତି ଓ ବଦଳି ପ୍ରକ୍ରିୟା ରାଜ୍ୟ ପୋଲିସ ଅଧୀନରେ ରହିଛି। ପଦୋନ୍ନତି ପାଇଥିବା କେତେଜଣ ଅଧିକାରୀଙ୍କର ବଦଳି ପ୍ରକ୍ରିୟା ସରିଥିବାବେଳେ ଅନ୍ୟମାନଙ୍କର ମଧ୍ୟ ଯଥାଶୀଘ୍ର ଶେଷ ହେବ।

## କୋରିଅର ଗାଡ଼ି ଭଙ୍ଗାରୁଜା, ଟଙ୍କା ଲୁଟ୍

### ୨ ଗିରଫ

କଣ୍ଟାପଡା,୨୭।୬(ଡି.ଏନ୍.ଏ.)

ଫୁଲନଖରା-ନିଆଳି ରାସ୍ତାର ଅଡ଼ଶପୁର କଲେଜ ନିକଟରେ ଏକ କୋରିଅର ଗାଡ଼ିକୁ ଶନିବାର ବିଳମ୍ବିତ ରାତିରେ ଅଟକାଇ ଭଙ୍ଗାରୁଜା କରିବା ସହ ଡ୍ରାଇଭରଙ୍କୁ ମାଡ଼ମାରି ଟଙ୍କା ନେବା ଅଭିଯୋଗରେ ଓଲଟପୁର ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନାସ୍ଥିତ ଅଡ଼ଶପୁର କୁବେରସାହିର ଶିବସୁନ୍ଦର ନାୟକ ଓ ସ୍ଥାନୀୟ କଲେଜର ଜଣେ ଛାତ୍ର ସୌମ୍ୟରଞ୍ଜନ ନାୟକ। ଏ ନେଇ ପୋଲିସ ଏକ ମାମଲା(ନଂ.୬୮/୨୧) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ଭୁବନେଶ୍ୱରର ଏକ କୋରିଅର ସଂସ୍ଥାର ଗାଡ଼ି ନଂ.ଓଡି ୦୨ ଏଏଚ୍ ୬୭୮୮ରେ ପାର୍ସଲ ନେଇ ଡ୍ରାଇଭର ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳର କିଶୋର ବେହେରା କାକଟପୁର ଅଭିମୁଖେ ଯାଉଥିଲେ। ରାତିପ୍ରାୟ ୨ଟା ସମୟରେ ଅଡଶପୁର କଲେଜ ନିକଟରେ ୩ଜଣ ଯୁବକ ଉକ୍ତ ଗାଡିକୁ ଅଟକାଇଥିଲେ। ଡ୍ରାଇଭର ଗାଡି ନ ଅଟକାଇବାରୁ ଅଭିଯୁକ୍ତମାନେ ବାଉଁଶ ଠେଙ୍ଗାରେ ଗାଡିର ଆଗ କାଚକୁ ପିଟି ଭାଙ୍ଗି ଦେଇଥିଲେ। ଗାଡି ଅଟକି ଯିବାରୁ ଅଭିଯୁକ୍ତମାନେ ଡ୍ରାଇଭର ପକେଟରୁ ୫୦୦ଟଙ୍କା ଛଡ଼ାଇ ନେଇଥିଲେ। ସେହିବାଟ ଦେଇ ଯାଉଥିବା ୨ଟି କ୍ଷୀର ଗାଡି ମଧ୍ୟ ଆକ୍ରମଣରୁ ବାଦ ପଡି ନ ଥିଲେ। ଖବରପାଇ ଓଲଟପୁର ଥାନା ଆଇଆଇସି ବିଜୟା ସାହୁ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିବାବେଳେ ଅନ୍ୟଜଣେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ କୋରିଅର ଗାଡି ମାଲିକ ସତ୍ୟନାରାୟଣ ସାମନ୍ତ ସିଂହାର ଓଲଟପୁର ଥାନାରେ ଅଭିଯୋଗ କରିଛନ୍ତି।



କଟକ-ନରାଜ ଆନିକଟ ନିକଟ ନଦୀତଟରେ ମତ୍ସ୍ୟଜୀବୀମାନେ ରଖିଥିବା ଡଙ୍ଗା ।

## ଝାରପଡ଼ା ପଞ୍ଚାୟତର ୫ ୱାର୍ଡ କଣ୍ଟେନ୍‌ମେଣ୍ଟ

କଣ୍ଟାପଡା,୨୭।୬(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସାଇଲୋ ଝାରପଡ଼ା ପଞ୍ଚାୟତର ୫ଟି ୱାର୍ଡରେ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ଏହି ପଞ୍ଚାୟତବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଉକ୍ତ ୱାର୍ଡଗୁଡିକୁ ରବିବାରଠାରୁ ୫ଦିନ ପାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଖବର ଅନୁଯାୟୀ, ଉକ୍ତ ପଞ୍ଚାୟତର ଝାରପଡା ଗ୍ରାମର ୧, ୨, ୩ ନଂ ୱାର୍ଡ ଓ ବଡୱାଉବରାଇ ଗ୍ରାମର ୧୫, ୧୬ ନଂ ୱାର୍ଡର ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପଜିଟିଭ ଜଣାପଡିବା ପରେ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ଫଳରେ ସରପଞ୍ଚ ସୁବାସ ଚନ୍ଦ୍ର ବିଶ୍ୱାଳ ଉକ୍ତ ୱାର୍ଡଗୁଡିକୁ ରବିବାର ସକାଳ ୬ଟାରୁ ଜୁଲାଇ ୨ତାରିଖ ରାତି ୯.୩୦ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ଏହି ସମୟ ଭିତରେ ଏହି ଅଞ୍ଚଳର ଜନସାଧାରଣ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

## 'ଜୟନ୍ତ ଦାସଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି'

କଟକ ଅଫିସ, ୨୭।୬

ଓଡ଼ିଶା ହାଇକୋର୍ଟର ପୂର୍ବତନ ଆଡଭୋକେଟ ଜେନେରାଲ ତଥା ବରିଷ୍ଠ ଆଇନଜୀବୀ ଜୟନ୍ତ ଦାସଙ୍କ ଦେହାନ୍ତରେ ଦି ଲ' କଲେଜ ପୁରାତନ ଛାତ୍ରସଂଘ ପକ୍ଷରୁ ରବିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଆଇନଜୀବୀ ଟହଲି ଚରଣ ମହାନ୍ତିଙ୍କ ମହାନଦୀ ବିହାରସ୍ଥିତ ବାସଭବନରେ ଉକ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ଜୟନ୍ତ ଦାସଙ୍କ ବିୟୋଗରେ ଓଡ଼ିଶା ହାଇକୋର୍ଟ ତଥା ଆଇନଜୀବୀ ମହଲରେ ଏକ ବିରାଟ ଶୂନ୍ୟସ୍ଥାନ ହୋଇଛି ଯାହା ଅପୂରଣୀୟ କ୍ଷତି ବୋଲି ମହାନ୍ତି କହିଥିଲେ। ଉକ୍ତ ସଭାକୁ ଆଇନଜୀବୀ ବିଭୁ ପ୍ରସନ୍ନ ମହାପାତ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦି ଲ' କଲେଜ ଅଧ୍ୟକ୍ଷ ସୁମନ୍ତ କୁମାର ରାୟ, ଉପସଭାପତି ଆଇନଜୀବୀ ସୁବାସ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଆଇନଜୀବୀ ଶୁଭାଶିଷ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ, ଆଇନଜୀବୀ ଦୀନେଶ ରାୟ, ଆଇନଜୀବୀ ଅସିତ୍ କୁମାର ଜେନା, ଡ. କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

## ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକର୍ମୀଙ୍କ ଦୁର୍ବ୍ୟବହାର

ନିଆଳି,୨୭।୬(ଡି.ଏନ୍.ଏ.)

ନିଆଳି ଥାନା କୃଷ୍ଣପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଜଣେ ଅସ୍ଥାୟୀ ସ୍ୱାସ୍ଥ୍ୟକର୍ମୀ ଗର୍ଭବତୀ ଓ ତାଙ୍କ ସ୍ୱାମୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ୩ଦିନ ବିତିଯାଇଥିଲେ ମଧ୍ୟ ଏଯାବତ ମାମଲା ରୁଜୁ ହୋଇ ନ ଥିବା ନେଇ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨୧ ତାରିଖ ଦିନ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନିଭରଣ ପଞ୍ଚାୟତ ସୁନିନ୍ଦା ଗ୍ରାମରେ କରୋନା ପରୀକ୍ଷା ଶିବିର କରାଯାଇଥିଲା। ଏହି ଗ୍ରାମର ଗୋପାଳ ମୁଦୁଲିଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ଗର୍ଭବତୀ ଅବସ୍ଥାରେ ପରୀକ୍ଷା କରିବାରୁ ଅସ୍ଥାୟୀ ସ୍ୱାସ୍ଥ୍ୟକର୍ମୀ ଜଣକ ରିପୋର୍ଟ ପଜିଟିଭ୍ ଥିବା କହିଥିଲେ। ଏହି ଖବର ପ୍ରଚାରିତ ହେବାପରେ ଗ୍ରାମରେ ତାଙ୍କୁ ବାସନ୍ଦ କରାଯାଇଥିଲା। ୨ଦିନପରେ ତାଙ୍କୁ ପ୍ରସବ ବେଦନା ହେବାରୁ ସେ ସରପଞ୍ଚଙ୍କଠାରୁ ଅନୁମତି ନେଇ ନିଆଳିର ଏକ ଘରୋଇ ହସ୍ପିଟାଲକୁ ଆସିଥିଲେ। ସେଠାରେ ଡାକ୍ତର ତାଙ୍କ କରୋନା ପରୀକ୍ଷା ପାଇଁ କହିଥିଲେ। ଗୋପାଳ ସ୍ତ୍ରୀଙ୍କୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରାଇବାରେ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ଏହାପରେ ଗୋପାଳ ଉକ୍ତ ରିପୋର୍ଟ ନେଇ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସମ୍ପୃକ୍ତ ପରୀକ୍ଷା କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ପଚାରିବାରେ ସେ ଉତ୍କ୍ଷିପ୍ତ ହୋଇ ନାନା ଧମକ ଦେଇଥିଲେ। ଏ ନେଇ ଗୋପାଳ ୨୪ତାରିଖରେ ଅଭିଯୋଗ ପାଇଁ ନିଆଳି ଥାନାକୁ ଆସିଥିଲେ। ସ୍ୱାସ୍ଥ୍ୟକର୍ମୀ ଜଣକ ଥାନାରେ ପହଞ୍ଚି ପୁଣି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଘଟଣାକୁ ୪ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ମାମଲା ମଧ୍ୟ ରୁଜୁ କରାଯାଇ ନାହିଁ। ଏ ନେଇ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, ଅଭିଯୋଗ ଅନୁଯାୟୀ ମାମଲା ହୋଇ ନାହିଁ, ଖୁବଶୀଘ୍ର ରୁଜୁ କରି ତଦନ୍ତ କରାଯିବ।

## କାଠଯୋଡ଼ି ନଦୀବନ୍ଧ ମରାମତି ପାଇଁ ୩.୯୯ କୋଟି

କଟକସଦର,୨୭।୬(ଡି.ଏନ୍.ଏ.)

କଟକସଦର ବ୍ଲକ ଅନ୍ତର୍ଗତ କାଠଯୋଡ଼ି ନଦୀ ୮୫(ଖ) ନଦୀବନ୍ଧ ମତ୍ତଗଜପୁର-ମହୁରା ମଧ୍ୟରେ ଦୁର୍ବଳ ଥିଲା। ଉକ୍ତ ବନ୍ଧର ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ଅର୍ଥମଞ୍ଜୁର କରିଛି। ପଥର ପ୍ୟାକିଂ ସହ ବୁରୁଜ ନିର୍ମାଣ ପାଇଁ ୩କୋଟି ୯୯ଲକ୍ଷ ଟଙ୍କା ବ୍ୟୟ କରାଯିବ। ମତ୍ତଗଜପୁର ଗ୍ରାମ ନିକଟରେ ୪ଟି, ପରମହଂସ ମେହେର ସାହି ନିକଟରେ ୪ଟି, ମହୁରା ଆଖଣ୍ଡଳମଣି ମନ୍ଦିର ନିକଟରେ ୩ଟି ବୁରୁଜ ନିର୍ମାଣ କରାଯିବ। ଏହାବ୍ୟତୀତ ହାଟ ସାହି ନିକଟରେ ୭୫୦ମିଟର ପଥର ପ୍ୟାକିଂ କରାଯିବାର ବ୍ୟବସ୍ଥା ରହିଛି। ବନ୍ୟା ସମୟରେ ବନ୍ଧରୁ ଅତଡ଼ା ଖାଉଥିବାରୁ ୬ଟି ପଞ୍ଚାୟତ ସମେତ ସମଗ୍ର ଜଗତ୍‌ସିଂହପୁର ଜିଲା ପ୍ରତି ବିପଦ ସୃଷ୍ଟି ହୋଇଥିଲା। ପ୍ରତି ବୁରୁଜର ଲମ୍ବ ୨୦ମିଟର ହୋଇଥିବାବେଳେ ବ୍ୟବଧାନ ୬୦ମିଟର ରହିବ । ଏଥିପାଇଁ ମହାନଦୀ ସାଉଥ୍ ଜଳସେଚନ ଡିଭିଜନ ତରଫରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ରାଜେଶ ମହାନ୍ତି ସୂଚନା ଦେଇଛନ୍ତି।

## କାର୍ଯ୍ୟରତ ଖବରଦାତାଙ୍କୁ ଦୁର୍ବ୍ୟବହାରକୁ ନିନ୍ଦା



ନୟାଗଡ଼ ଖବରଦାତାଙ୍କୁ ମାଡ଼ ଘଟଣାରେ ଖୁଣ୍ଟୁଣୀ ଖବରଦାତାମାନଙ୍କ ପ୍ରତିବାଦ ସଭା।

ଖୁଣ୍ଟୁଣୀ,୨୭।୬(ଡି.ଏନ୍.ଏ.)

ନୟାଗଡ଼ ଜିଲାର ୨ ଖବରଦାତାଙ୍କୁ ଅବକାରୀ ବିଭାଗର ଜଣେ ଅଧିକାରୀଙ୍କ ଦୁର୍ବ୍ୟବହାର କରିବାକୁ ନେଇ ଉତ୍କଳ ସାମ୍ବାଦିକ ସଂଘ କଟକ ଜିଲା ସଭାପତି ଲଲାଟେନ୍ଦୁ ସେନାପତି ଓ ଆଠଗଡ଼ ସବଡିଭିଜନ ସାମ୍ବାଦିକ ସଂଘ ସଭାପତି ସଚ୍ଚିଦାନନ୍ଦ ପଣ୍ଡା ଏହାର ନିନ୍ଦା କରିଛନ୍ତି। ଏ ନେଇ ରବିବାର ଉତ୍ତରାଚଣ୍ଡୀ ମନ୍ଦିରର ସଭାପତି ସେନାପତିଙ୍କ ଆବାହାକତ୍ୱରେ ଏକ ଜରୁରୀ ବୈଠକ ହୋଇଥିଲା। ନବୀନ ବାବୁଙ୍କ ସରକାରରେ ଖବରଦାତାମାନେ ଅସୁରକ୍ଷିତ। କିଛିଦିନ ତଳେ ପୁରୀରେ ଧରିତ୍ରୀ ଖବରଦାତାଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଦୋଷୀଙ୍କ ଉପରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଏକ ଜ୍ୱଳନ୍ତ ଉଦାହରଣ ବୋଲି ବରିଷ୍ଠ ଖବରଦାତା ସର୍ବେଶ୍ୱର ପଣ୍ଡା, ମନୋରଞ୍ଜନ ମହାପାତ୍ର, ସନ୍ତୋଷ ବାରିକ, ବିଜୟ ନାୟକ ଓ ବିଷ୍ଣୁ ପ୍ରସାଦ ଦାଶ ପ୍ରମୁଖ କହିଥିଲେ । ନୟାଗଡ଼ର ଅବକାରୀ ବିଭାଗ କର୍ମଚାରୀଙ୍କୁ ତୁରନ୍ତ ଗିରଫ ଦାବି କରିବା ସହ ପ୍ରତ୍ୟେକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆଇନ ପ୍ରଣୟନ କରି ସୁରକ୍ଷା ଯୋଗାଇ ଦେବାକୁ ଖବରଦାତାମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

## ୧୨ଦିନ ହେବ ମିଳୁନି ପତ୍ତା

ଚୌଦ୍ୱାର,୨୭।୬(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣିପଦା ପଞ୍ଚାୟତ ଗୋଖାସାହିରେ ରହୁଥିବା ରାମଚନ୍ଦ୍ର ମଲ୍ଲିକ ଗତ ୧୨ଦିନ ହେବ କେଉଁଆଡ଼େ ନିଖୋଜ ହୋଇଯାଇଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ସେ ନିକଟରେ କରୋନାରେ ଆକ୍ରାନ୍ତ ହୋଇ ଭଲ ହୋଇଥିଲେ । ଏହାପରେ ମାନସିକ ଭାରସାମ୍ୟ ହରାଇ ନିଜ ସ୍ତ୍ରୀ ଓ ୪ ଝିଅଙ୍କୁ ଛାଡି କେଉଁଆଡେ ଚାଲିଯାଇଛନ୍ତି। ରବିବାର ରାମଚନ୍ଦ୍ରଙ୍କ ସାନଝିଅର ଜନ୍ମ ଦିନ ଥିବାବେଳେ ସେ ସଜେଇ ହୋଇ ବାପା ଫେରିବା ବାଟକୁ ଚାହିଁ ବସିଛି । ଗତ

### କରୋନାରୁ ସୁସ୍ଥ ପରେ ହରାଇଥିଲେ ମାନସିକ ଭାରସାମ୍ୟ

୧୫ତାରିଖରୁ ଏକ ହିରୋହୋଣ୍ଡା ବାଇକ୍ ନେଇ ଘରୁ ରାତିରେ ବାହାରି ଯାଇଥିଲେ ମଧ୍ୟ ଏଯାଏ ରାମଚନ୍ଦ୍ରଙ୍କ କୌଣସି ଖୋଜଖବର ମିଳୁ ନ ଥିବା ତାଙ୍କ ସ୍ତ୍ରୀ ପାର୍ବତୀ କହିଛନ୍ତି। ରାମଚନ୍ଦ୍ର ଜଣେ ଡ୍ରାଇଭର ଭାବେ କାମ କରନ୍ତି । ସେ କରୋନାରୁ ଭଲ ହେବା ପରେ ତାଙ୍କର ମାନସିକ ଭାରସାମ୍ୟ ହରାଇ ପରିବାର ଉପରେ ଅତ୍ୟାଚାର କରୁଥିଲେ। ଏ ନେଇ ତାଙ୍କ ସ୍ତ୍ରୀ ଟିପିଏମ୍ ଫାଣ୍ଡିକୁ ଜଣାଇବା ସହ ଭୟରେ ପଡୋଶୀଙ୍କ ଘରେ ରହୁଥିଲେ। ଦ୍ୱିତୀୟ ରଜ ଦିନ ଫାଣ୍ଡି ଅଧିକାରୀ ମାନସ ମହାରଣା ରାମଚନ୍ଦ୍ରଙ୍କ ଘରେ ପହଞ୍ଚି ରାମଚନ୍ଦ୍ରଙ୍କୁ ବୁଝାଇଥିଲେ। ତଥାପି ତାଙ୍କ ରାଗ କମି ନ ଥିବାରୁ ପିଲାଛୁଆଙ୍କୁ ଆକ୍ରମଣ କରିଥିଲେ। ସେହିଦିନ ମଧ୍ୟ ରାତ୍ରିରୁ ରାମଚନ୍ଦ୍ର ନିଜ ଗାଡି ନେଇ କେଉଁଆଡେ ଚାଲିଗଲେ ଯେ ଆଉ ଘରକୁ ଫେରି ନାହାନ୍ତି। ଏ ନେଇ ପାର୍ବତୀ ୧୬ତାରିଖରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି। ଏକମାତ୍ର ରୋଜଗାରକ୍ଷମ ରାମଚନ୍ଦ୍ର ୪ଝିଅଙ୍କୁ ଛାଡି କେଉଁ ଆଡେ ପଳାଇଯିବାରୁ ସ୍ତ୍ରୀ ଓ ପରିବାର ସଦସ୍ୟ ଚିନ୍ତାରେ ଭାଙ୍ଗି ପଡିଛନ୍ତି।

## ଦାଶରଥି ସାମନ୍ତରାୟଙ୍କୁ ଶ୍ରୀଜଗନ୍ନାଥ ସେବାରତ୍ନ ସମ୍ମାନ

କଟକ ଅଫିସ, ୨୭।୬

ୱେବିନାର ମାଧ୍ୟମରେ ରବିବାର ଶ୍ରୀଜଗନ୍ନାଥ କଥାମୃତ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଡ. ପ୍ରଭୁଚରଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଗତ ଅଭିଭାଷଣ ଦେବା ସହ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କଥାବାଚକ ଦାଶରଥି ସାମନ୍ତରାୟଙ୍କୁ 'ଶ୍ରୀଜଗନ୍ନାଥ ସେବାରତ୍ନ ସମ୍ମାନ-୨୦୨୧' ପ୍ରଦାନ କରାଯାଇଥିଲା। ଯୁବ କଣ୍ଠଶିଳ୍ପୀ ଆର୍ଯ୍ୟସୂତା ପରିଡ଼ା ଭଜନ ପରିବେଷଣ କରିଥିଲେ। ଆମ ପ୍ରଣାମର ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବାରଙ୍ଗ ଚାରଣ ଶାଖାର ବରିଷ୍ଠ ଚାରଣ ଫକୀର ଚରଣ ନାୟକ ଧନ୍ୟବାଦ ଦେଇଥିଲେ।



କଟକସ୍ଥିତ ସିଡିଏ ସେକ୍ଟର-୧୦ ରାସ୍ତାରେ ରବିବାର ପୋଲିସ ପ୍ରଶାସନ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଛି।



ସପ୍ତାହାନ୍ତ ଶଟ୍‌ଡାଉନ ରବିବାର କଟକସ୍ଥିତ ଓଏମ୍‌ପି ଛକ ରାସ୍ତା ଶୂନଶାନ୍ ହୋଇପଡ଼ିଛି।

## ଟ୍ରେନ୍ ଧକ୍କାରେ ବୃଦ୍ଧ ଗୁରୁତର

**ନିରାକାରପୁର/ଟାଙ୍ଗୀ,(ଡି.ଏନ୍.ଏ.):** ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ କାଲୁପଡା ଷ୍ଟେଶନ ବାଲିନାସୀ ରେଳ ଫାଟକ ନିକଟରେ ରବିବାର ଟ୍ରେନ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ କାଲୁପଡ଼ା ଘାଟ ଜରିପଡା ପାଣିଦୁଆର ଗ୍ରାମର ଜଗନ୍ନାଥ ବେହେରା(୬୫)। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଜଗନ୍ନାଥ ରେଳଧାରଣା ଅତିକ୍ରମ କରୁଥିବା ସମୟରେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଡାହଣ ହାତ ମଚ୍ଚିରୁ ଦୁଇ ଖଣ୍ଡ ହୋଇଯାଇଛି। ଗୁରୁତର ଅବସ୍ଥାରେ ପ୍ରଥମେ ଟାଙ୍ଗୀ ମେଡିକାଲ ଓ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

**ସଂକ୍ଷେପରେ**

## ବାଲି ବୋଝେଇ ହାଇଓ୍ୱା ଓଲଟି ହେଲପର ମୃତ



**ନିରାକାରପୁର,୨୭।୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ସିକୋ ଫାଣ୍ଡି ଅଧୀନ ମାଣିକପୁର ପାଟଣା ରାସ୍ତାରେ ରବିବାର ସକାଳେ ଏକ ବାଲି ବୋଝେଇ ହାଇଓ୍ୱା ଓଲଟି ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ଗଡ଼ପରି ଗ୍ରାମର ରାମକୃଷ୍ଣ ବେହେରା(୨୦)। ସୂଚନା ମୁତାବକ, ଏକ ହାଇଓ୍ୱା (ଓଡି୦୨ ଏଭି ୨୯୬୦) ବାଲି ବୋଝେଇ କରି ଭାପୁର ଚକଡ଼ାପଥରୁ ରଣପୁର ଅଭିମୁଖେ ଯାଉଥିଲା। କୌଣସି କାରଣରୁ ମାଣିକପୁରପାଟଣା ରାସ୍ତାରେ ହାଇଓ୍ୱା ଓଲଟିବା ସମୟରେ ରାମକୃଷ୍ଣ ଗାଡିରୁ ଡେଇଁ ପଡିବା ପାଇଁ ଉଦ୍ୟମ କରୁଥିବା ବେଳେ ତାଙ୍କ ଉପରେ ଗାଡ଼ି ରହିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯାଇଥିଲେ। ସିକୋ ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଫାଣ୍ଡିରେ ଏକ ମାମଲା (ନଂ.୧୩୩/୨୧)ରୁଜୁ ହୋଇଛି। ଅନ୍ୟପଟେ ହାଇଓ୍ୱା ମାଲିକଙ୍କ ଘର ଆଗରେ ମୃତଦେହ ରଖି ପରିବାର ଲୋକେ କ୍ଷତିପୂରଣ ଦେବା ପାଇଁ ଦାବି କରିଥିବା ଜଣାପଡ଼ିଛି।

## ଗୀତାଞ୍ଜଳି ଜିଲା ମହିଳା ବିଜେଡି ସଭାପତି

**ଟାଙ୍ଗୀ (ଖୋର୍ଦ୍ଧା)୨୭।୬(ଡି.ଏନ୍.ଏ.):** ବିଜୁ ଜନତା ଦଳ ମହିଳା ରାଜ୍ୟ ସଭାପତି ତଥା ବିଧାୟିକା ସ୍ନେହାଙ୍ଗିନି ଛୁରିଆଙ୍କ ସୁପାରିସକ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋର୍ଦ୍ଧା ଜିଲା ମହିଳା ବିଜେଡି ସଭାପତି ଭାବେ ପୂର୍ବତନ ଟାଙ୍ଗୀ ବ୍ଲକ ଅଧକ୍ଷା ଗୀତାଞ୍ଜଳି ପାଟ୍ଟଶାଣୀଙ୍କୁ ନିଯୁକ୍ତି ଦେଇଛନ୍ତି। ସେ ବର୍ତ୍ତମାନ ୧୨ନଂ. ଜୋନର ଜିଲା ପରିଷଦ ସଭ୍ୟା ଅଛନ୍ତି। ତାଙ୍କର ଏହି ନୂତନ ନିଯୁକ୍ତିକୁ ଖୋର୍ଦ୍ଧା ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି।

## କରୋନା ଯୋଦ୍ଧା ସମ୍ବର୍ଦ୍ଧିତ

**ଟାଙ୍ଗୀ(ଖୋର୍ଦ୍ଧା),୨୭।୬(ଡି.ଏନ୍.ଏ.):** ଟାଙ୍ଗୀରେ ରବିବାର ଉତ୍କଳୀୟ 'ମ' ଫାଉଣ୍ଡେଶନ ପକ୍ଷରୁ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କରୋନା ସମୟରେ ସେବା ଯୋଗାଇ ଦେଉଥିବା ପୋଲିସ, ଅଗ୍ନିଶମ କର୍ମଚାରୀ, ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ଟାଙ୍ଗୀ ଥାନା ନିରୀକ୍ଷକ ବିଜୟ କୁମାର ମଲ୍ଲିକ, ଫାୟାର ଅଫିସର ଅବିନାଶ ପୃଷ୍ଟି, ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ପ୍ରଧାନ, ଟାଙ୍ଗୀ ମିଡିଆ ସେବା ସଂଘ ସଭାପତି ରବୀନ୍ଦ୍ର ରଣା, ସମ୍ପାଦକ ସନ୍ତୋଷ ଚୌଧୁରୀଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଥିବା କୁନି ଧାବିକା ପ୍ରିୟା ପ୍ରିୟଦର୍ଶିନୀ ନାୟକଙ୍କୁ ଟାଙ୍ଗୀ ମିଡିଆ ସେବା ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଫଉଣ୍ଡେଶନର ମୁଖ୍ୟ ଆଇନଜୀବୀ ରାଜୀବଲୋଚନ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଖୋର୍ଦ୍ଧା ଜିଲା ସଭାପତି ସାମ୍ବାଦିକ ପ୍ରସନ୍ନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଶୀତଳଭଣ୍ଡାରରେ କୋଟପା ଆଇନ

**ବେଗୁନିଆ,୨୭।୬(ଡି.ଏନ୍.ଏ.)**

- ୫ମାସ ହେବ ଜରିମାନା ଆଦାୟ ହୋଇନି
- ଧୂମପାନ ମୁକ୍ତ ଅଞ୍ଚଳ ଭେଳିକି



ତମାଖୁ ବିକ୍ରି ଓ ସେବନ ରୋକିବା ପାଇଁ ସିଗାରେଟ ଏବଂ ଅନ୍ୟାନ୍ୟ ତମାଖୁ ଦ୍ରବ୍ୟ ନିବାରଣ ଆଇନ(କୋଟପା) ରହିଛି। ଜନ ସଚେତନତା ଅଭାବ ସାଙ୍ଗକୁ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ ହେଉ ନ ଥିବାରୁ ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ଏହି ଆଇନ ଉଲ୍ଲଂଘନ ହୋଇଥିଲେ ମଧ୍ୟ ଗତ ୫ମାସ ହେବ ପୋଲିସ ପକ୍ଷରୁ ଜରିମାନା ଆଦାୟ ହୋଇ ନ ଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ଏହି ଆଇନ ଶୀତଳ ଭଣ୍ଡାରରେ ପଡ଼ିରହିଛି। ଏଥିଯୋଗୁ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଧୂମପାନମୁକ୍ତ ବେଗୁନିଆ ଥାନା ଅଞ୍ଚଳ ଘୋଷଣା ପ୍ରଶାସନର ଭେଳିକି ବୋଲି ସାଧାରଣରେ କୁହାଯାଉଛି।

ସୂଚନା ମୁତାବକ, ୨୦୧୨ ଜୁନରେ କୋଟପା ଆଇନ(୨୦୦୩)କୁ ଖୋର୍ଦ୍ଧା ଜିଲାରେ ଲାଗୁ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପୋଷ୍ଟର, ବ୍ୟାନର, ବିଜ୍ଞାପନ ଓ ଡାକବାଜି ଯନ୍ତ୍ରରେ ଜନସଚେତନତା ଅଭିଯାନର ଏକ ମାସ ପରେ ବେଗୁନିଆ ଅଞ୍ଚଳରେ ନିୟମ ଲାଗୁ ହୋଇଥିଲା। ଆଇନ କାର୍ଯ୍ୟକାରୀ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ ଏଡିଏମ୍‌ଓ ଜନସ୍ୱାସ୍ଥ୍ୟ, ଜିଲାର ବିଭିନ୍ନ ଥାନା ଅଧିକାରୀ ସହ ବେଗୁନିଆ ଆଇଆଇସି, ଡ୍ରଗ୍ସ ଇନ୍ସପେକ୍ଟର, ଫୁଡ୍ ସେଫ୍ଟି ଅଫିସର ଏବଂ ଜଣେ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ରହିଥିଲେ। ଏହି ଟିମ୍ ପ୍ରତି ମାସରେ ୫ଦିନ ଜିଲାର ବିଭିନ୍ନ ସ୍ଥାନରେ ବୁଲି ତମାଖୁ ସେବନକାରୀଙ୍କୁ ଧରି ଜରିମାନା ଆଦାୟ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ବେଗୁନିଆ ଥାନା ଅଧିକାରୀଙ୍କୁ ଜରିମାନା ଆଦାୟ ଲାଗି ମଧ୍ୟ ରସିଦ୍ ବହି ଦିଆଯାଇଥିଲା। ଏହି ଥାନା ଅଧୀନ ସ୍କୁଲ, କଲେଜ ନିକଟରେ ତମାଖୁ ଦ୍ରବ୍ୟ ବିକ୍ରି ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଗତ ଜାନୁୟାରୀରେ ବେଗୁନିଆ ଓ ଚଟୁଆ ବଜାର ଅଞ୍ଚଳରେ ଧୂମପାନ ସେବନ କରୁଥିବା ସମୟରେ ୯ଜଣଙ୍କଠାରୁ ୧୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହା ପରେ ଜରିମାନା ଆଦାୟ ବନ୍ଦ ରହିଛି। ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କହିଛନ୍ତି, ଏଠାରେ ମୁଁ ନୂତନ ଭାବେ ଯୋଗଦେଇଛି। ଏବେ କୋଭିଡ୍ ଆଇନ ଉଲ୍ଲଂଘନକାରୀଙ୍କ ଉପରେ ଗୁରୁତ୍ୱ ଦିଆଯାଉଛି। ଆଗକୁ ଏହି ଅଞ୍ଚଳରେ କୋଟପା ଆଇନକୁ କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କୋଟପା ଆଇନ (୨୦୦୩)ର ସେକ୍ସନ ୪ ଅନୁଯାୟୀ ସ୍କୁଲ, କଲେଜ, ଅଡିଟୋରିୟମ, ବସ୍‌ଷ୍ଟାଣ୍ଡ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଆଦି ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ୨୦୦ ଟଙ୍କା ଜରିମାନା ଦେବାକୁ ନିୟମ ରହିଛି। ସେହିପରି ଜଣେ ସେବନକାରୀଙ୍କଠାରୁ ଏକାଧିକ ଥର ଜରିମାନା ଆଦାୟ କରାଯାଇପାରିବ। ସେକ୍ସନ ୬(ଏ) ଅନୁଯାୟୀ ୧୮ବର୍ଷରୁ କମ୍ ବୟସର ପିଲାମାନେ ସିଗାରେଟ୍ ଓ ତମାଖୁ ଜାତୀୟ ପଦାର୍ଥ ବିକ୍ରି କରିପାରିବେ ନାହିଁ। ଶିକ୍ଷାନୁଷ୍ଠାନର ଶହେ ଗଜ ଦୂର ମଧ୍ୟରେ ତମାଖୁ ଜାତୀୟ ପଦାର୍ଥ ବିକ୍ରି କରାଯାଇ ପାରିବ ନାହିଁ। ଏଥିପାଇଁ ମଧ୍ୟ ୨୦୦ ଟଙ୍କା ଜରିମାନା ବ୍ୟବସ୍ଥା ରହିଛି।



ସପ୍ତାହାନ୍ତ ଶଟ୍‌ଡାଉନ ପାଇଁ ରବିବାର ଆଇଆଇଟି, ଭୁବନେଶ୍ୱର ରାସ୍ତା ଶୂନ୍‌ଶାନ ରହିଛି।

## ଖଣିରେ ଚଢ଼ାଉ: ଜେସିବି, ଟ୍ରାକ୍ଟର ଜବତ

**ନିରାକାରପୁର,୨୭।୬(ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲାରେ ଖଣି ମାଫିଆମାନେ ସକ୍ରିୟ ହୋଇଉଠିଛନ୍ତି। ଜଙ୍କିଆ ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ରବିବାର ଓଲସିଂହ ଅଞ୍ଚଳରେ ଚାଲିଥିବା ବେଆଇନ ମାଙ୍କଡା ଖଣିରେ ଚଢ଼ାଉ କରାଯାଇଥିଲା। ଏକ ଖଣିରୁ ମାଙ୍କଡ଼ା ବୋଝେଇ (ଓଡି ୦୨ଡବ୍ଲ୍ୟୁ ୮୯୪୭) ଟ୍ରାକ୍ଟର ସହ ଏକ ଜେସିବି ମେଶିନ ଜବତ ହୋଇଥିଲା। ପୋଲିସ ପହଞ୍ଚିବା ପୂର୍ବରୁ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## 'ନନ୍ଦନକାନନ ସୌନ୍ଦର୍ଯ୍ୟକରଣ ବୃଦ୍ଧି ଆବଶ୍ୟକ'

**ଭୁବନେଶ୍ୱର(ବ୍ୟୁରୋ)/ବାରଙ୍ଗ, ୨୭।୬(ଡି.ଏନ୍.ଏ.)**



ଖବରଦାତା ସମ୍ମିଳନୀରେ ବିଧାୟକ ସୁରେଶ କୁମାର ରାଉତରାୟ ସୂଚନା ଦେଉଛନ୍ତି।

- ଶଟ୍‌ଡାଉନରେ ହୋଇଥିଲା ସମାବେଶ
- ପୋଲିସ ଆସିବାରୁ ଛତ୍ରଭଙ୍ଗ ଦେଲେ ଲୋକେ

ନନ୍ଦନକାନନ, ଚୁଡ଼ଙ୍ଗଗଡ଼ ଓ ଚନ୍ଦକା ଅଭୟାରଣ୍ୟର ବିକାଶ ଦାବି କରି ଆଞ୍ଚଳିକ ବିକାଶ କମିଟି ପକ୍ଷରୁ ରବିବାର ଦାରୁଠେଙ୍ଗ ନିକଟସ୍ଥ ମଲ୍ଲିକ ଗାର୍ଡେନରେ ଏକ ସମାବେଶ, ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ ଜଟଣୀ ବିଧାୟକ ତଥା କମିଟି ମୁଖ୍ୟ ଉପଦେଷ୍ଟା ସୁରେଶ କୁମାର ରାଉତରାୟ ଅଧ୍ୟକ୍ଷତା କରି କହିଥିଲେ, ନନ୍ଦନକାନନକୁ ଅଧିକ ଆକର୍ଷଣୀୟ ଏବଂ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଏହାର ସୌନ୍ଦର୍ଯ୍ୟକରଣର ବୃଦ୍ଧି ଆବଶ୍ୟକ। ନନ୍ଦନକାନନ ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି ବୋଲି ସୁରେଶ ଅଭିଯୋଗ କରିଛନ୍ତି।

ନନ୍ଦନକାନନରେ ନୂଆ ଜୀବଜନ୍ତୁ ଆଣିବା, ପଶୁପକ୍ଷୀ ମଡ଼କ କମିବା, କାଞ୍ଜିଆ ହ୍ରଦର ଶୋଭାବର୍ଦ୍ଧନ କରିବା, ରୋପଓ୍ୱେ, ଟୟଟ୍ରେନ ପ୍ରଚଳନ କରିବା, ଐତିହାସିକ ଚୁଡ଼ଙ୍ଗଗଡ଼ର ସୌନ୍ଦର୍ଯ୍ୟକରଣ କରିବା, ଚନ୍ଦକା ଅଭୟାରଣ୍ୟ ପ୍ରାଚୀର ଉଚ୍ଚ କରି ହାତୀମାନଙ୍କୁ ବାହାରକୁ ନ ବାହାରିବା ପାଇଁ ବ୍ୟବସ୍ଥା କରିବା, ଡମ୍ପିୟାର୍ଡ ସ୍ଥାନାନ୍ତର କରି ଏକ ବଗିଚା କରିବା ଆଦି ଦାବି ରଖିଥିଲେ। ଏସବୁ ଦାବି ପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବିଧାୟକ ରାଉତରାୟ କହିଥିଲେ। ଗୋଟିଏ ପଟେ ବିଧାୟକ ନନ୍ଦନକାନନ ଓ ଚନ୍ଦକା ଅଭୟାରଣ୍ୟର ଦୁର୍ଦ୍ଦଶା କଥା ସରକାରଙ୍କ ନିକଟରେ କହୁଥିବାବେଳେ ଅନ୍ୟପଟେ ରବିବାର ଶଟ୍‌ଡାଉନରେ କୋଭିଡ୍ କଟକଣା ମାନି ନଥିବା ଦେଖିବାକୁ ମିଳିଛି। ଆୟୋଜିତ ହୋଇଥିବା ଏହି ସମାବେଶରେ ଆଖପାଖ ଗ୍ରାମରୁ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଲୋକ ଏକାଠି ହୋଇଥିଲେ। ଖାଦ୍ୟପେୟର ବି ବ୍ୟବସ୍ଥା ହୋଇଥିଲା। ସମାବେଶ ଆରମ୍ଭ ହେବାର କିଛି ସମୟ ପରେ ଭୁବନେଶ୍ୱର ଆଡିଶନାଲ ତହସିଲଦାର ଶର୍ମିଷ୍ଠା ଦାସ ଓ ଚନ୍ଦକା ଥାନା ପୋଲିସ ମିଳିତ ଚଢାଉ କରିଥିଲେ। ଫଳରେ ଉପସ୍ଥିତ ଲୋକମାନେ ଛତ୍ରଭଙ୍ଗ ଦେଇଥିଲେ। କୋଭିଡ୍ ନିୟମକୁ ଉଲ୍ଲଂଘନ କରି ଏହି ସମାବେଶ ହୋଇଥିବାରୁ ୨୦ହଜାରେ ଟଙ୍କାର ଫାଇନ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଡିଶନାଲ ତହସିଲଦାର କହିଛନ୍ତି।

## ପ୍ରବୀଣା ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାପତି

**ଖୋର୍ଦ୍ଧା ଅଫିସ,୨୭।୬**

ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଖୋର୍ଦ୍ଧା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ରବିବାର ଜିଲା ମହିଳା ମୋର୍ଚ୍ଚା ନୂତନ କମିଟି ଘୋଷଣା କରିଛନ୍ତି। ନୂତନ କମିଟିରେ ପ୍ରବୀଣା ପ୍ରିୟଦର୍ଶିନୀ ଭଞ୍ଜଦେଓ ପୁଣି ଥରେ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରତିମା ରାଣୀ ସାହୁ, ଅଞ୍ଜଳି ସାଇଁ, ରୀମା ପାଣି, ଆରତୁ ବିବି ପ୍ରମୁଖ ଉପସଭାପତି, ସୁମିତ୍ରା ପ୍ରଧାନ ଓ ବିନୋଦିନୀ ମିଶ୍ର ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସମ୍ପାଦକ ଭାବେ ନିବେଦିତା ହରିଚନ୍ଦନ, ପ୍ରଣତି ମାର୍ଥା, ସାବିତ୍ରୀ ଦାସ, କନକଲତା ମହାପାତ୍ର, ଶୁଭାଙ୍ଗି ପାଲଟାସିଂ ପ୍ରମୁଖ ମନୋନୀତ ହୋଇଛନ୍ତି। କୋଷାଧ୍ୟକ୍ଷ ପଦବୀରେ ଜ୍ୟୋତ୍ସ୍ନାରାଣୀ ଲେଙ୍କା ରହିଛନ୍ତି। ନବନିଯୁକ୍ତ ସମସ୍ତ କର୍ମକର୍ତ୍ତାଙ୍କୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଶୁଭେଚ୍ଛା ଜଣାଇଛନ୍ତି।

## ପିପିଲି ପାଇଁ ଗୌରବ ଆଣିଲେ ପୂଜାରାଣୀ

**ପିପିଲି,୨୭।୬(ଡି.ଏନ୍.ଏ.)**

ସର୍ବଭାରତୀୟ ମଡେଲିଂ ପ୍ରତିଯୋଗିତାରେ ଓଡ଼ିଆ ଝିଅ ପୂଜାରାଣୀ ନାୟକ(୨୨) ଭାଗନେଇ ଦ୍ୱିତୀୟ ସ୍ଥାନ ଅଧିକାର କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ପୁରୀ ଜିଲା ପିପିଲି ପୌରାଞ୍ଚଳ ପଣ୍ଡାବଜାର ବଣିଆସାହି ଅଞ୍ଚଳର ବାସିନ୍ଦା ବିଜୟ କୁମାର ନାୟକ ଓ ସଂଯୁକ୍ତାଙ୍କ ଝିଅ ପୂଜାରାଣୀ ଜଣେ ଆୟୁର୍ବେଦିକ ଡାକ୍ତରୀ ଛାତ୍ରୀ ହୋଇଥିବା ବେଳେ ଭବିଷ୍ୟତରେ ଜଣେ ଡାକ୍ତର ହେବା ସହ ସମାଜସେବାରେ ନିଜକୁ ସମର୍ପିତ କରିବାର ସ୍ୱପ୍ନ ରଖିଛନ୍ତି। ପୂଜାରାଣୀଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଥିବା ବେଳେ ଆଗାମୀ ପିପିଲି ମହୋତ୍ସବରେ ତାଙ୍କୁ ପିପିଲି ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ମହୋତ୍ସବ କମିଟି ମୁଖ୍ୟ ଖବରଦାତା ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ଓ ସମ୍ପାଦକ ଶଙ୍କର୍ଷଣ ପ୍ରଧାନ ସୂଚନା ଦେଇଛନ୍ତି। ଅପେରା ଇଣ୍ଡିଆଜ୍ ସୁପର ମଡେଲ ୨୦୨୧ ସର୍ବଭାରତୀୟ ପ୍ରତିଯୋଗିତା ଗତ ମାର୍ଚ୍ଚ ୭ ତାରିଖରେ ଭର୍ଚ୍ଚୁଆଲ ମାଧ୍ୟମରେ ଆରମ୍ଭ ହୋଇଥିଲା।

**ରଥଖଳାରୁ**

## ତିନି ରଥର ରଙ୍ଗ କାମ ଆରମ୍ଭ



**ପୁରୀ ଅଫିସ ୨୭।୬**

ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ପ୍ରାୟ ୯୦ ଭାଗ ସରିଥିବାବେଳେ ବାକି କାମ ଦ୍ରୁତଗତିରେ ଆଗେଇ ଚାଲିଛି। ରବିବାର ସନ୍ଧ୍ୟା ସୁଦ୍ଧା ତିନିରଥର ଦ୍ୱିତୀୟ ଓ ତୃତୀୟ ଭୂଇଁରେ କଇଁଚି ଫିଟିଂ ହୋଇଛି। ଏହି କଇଁଚି ଦ୍ୱୟ ଭୂଇଁ ଚାରିକାଠର ଉଭୟ ପାର୍ଶ୍ୱରେ କ୍ରସ କରି ଭୂଇଁ କଣ୍ଟା ବାଡ଼ିଆ ଯାଇ ସେଟ କରାଯାଇଛି। ଏଥିସହ ତିନିରଥ ସମ୍ମୁଖ ଭାଗ ଓ ପଛ ଭାଗରେ ଦୁଇଟି ଲେଖାଏ କତରା ଫିଟିଂ କରାଯାଇଛି। ତିନିରଥର ପାରାଭାଡ଼ିକୁ ମିଶାଇ ୧୩ ପରସ୍ତ ପୋଟଳ ନିର୍ମାଣ ସରିଛି। ପାରାଭାଡ଼ି ରଙ୍ଗ ସହ ପାରା ଚିତ୍ର ଅଙ୍କନ ପରେ ସମସ୍ତ ପୋଟଳ ରଥ ଉପରେ ଫିଟିଂ ହେବ। ତିନିରଥର ବେଦି ସମ୍ମୁଖ ଭାଗରେ ତାଗ ପଡ଼ିବା ସମ୍ପୂର୍ଣ୍ଣ ହୋଇଛି। ତାଳଧ୍ୱଜ ଓ ଦେବଦଳନ ରଥର ସିଂହାସନରେ କୁମ୍ଭ ଡାଳି ଲତା ଖୋଦେଇ କାମ ସରିଛି। ରୂପକାର ସେବକମାନେ ନନ୍ଦିଘୋଷ ରଥ ସିଂହାସନରେ କୁମ୍ଭ ଡାଳି ଲତା ଓ ନାଟ ଗୋଡ଼ରେ ରାହୁରୂପ ଖୋଦେଇରେ ଶେଷ ସ୍ପର୍ଶ ଦେଉଛନ୍ତି। ସେହିପରି ଚିତ୍ରକର ସେବକମାନେ ରବିବାରଠାରୁ ରଙ୍ଗଦେବା ଆରମ୍ଭ କରିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ପ୍ରକୋଷ୍ଠରେ ଦରଜି ସେବକମାନେ ମାଲ ମାହାର୍ଦ୍ଦ ସହ ନଡ଼ିଆ ପିଟି ଅନୁକୂଳ ପୂଜା ସହ ଦୁଆରବେଢ଼ା ପାଇଁ ରଥକନା କଟିଂର ଶୁଭାରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଦୋଳବେଦି ସ୍ଥିତ ଅସ୍ଥାୟୀ କମାରଶାଳରେ ଓଝାସେବକମାନେ କଣ୍ଟା ପ୍ରସ୍ତୁତିରେ ଲାଗିଛନ୍ତି।

## ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଖୋର୍ଦ୍ଧା ଅଫିସ,୨୭।୬**

ନିଖୋଜ ଥିବା ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପଲ୍ଲା ସ୍କୁଲ ନିକଟ ତୋଟାରୁ ରବିବାର ସକାଳେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଜବତ କରିଛି। ମୃତକ ହେଲେ ପୁରୀ ଜିଲା ଗୋପ ଥାନା ଅଧୀନ ବୀରିକଣା ଗ୍ରାମର ପ୍ରଦୀପ୍ତ କୁମାର ସ୍ୱାଇଁ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୋଗ ମୁତାବକ, ପ୍ରଦୀପ୍ତ ଗତ ୨ବର୍ଷ ହେବ ପଲ୍ଲା ବରୁଣେଇସ୍ଥିତ ଦାଦା ସଂଗ୍ରାମ କେଶରୀ ମହାପାତ୍ରଙ୍କ ଘରେ ରହୁଥିଲେ। ଗତ ୨୦ତାରିଖରେ ସେ ଘରୁ ସୁନା ନେଇ ଯାଇଥିଲେ। ବାରମ୍ବାର ପଚାରିବା ପରେ ପ୍ରଦୀପ୍ତ ଦୋଷ ସ୍ୱୀକାର କରିଥିଲେ। ଏକ ଘରୋଇ ଫାଇନାନ୍ସରେ ବନ୍ଧା ପକାଇଥିବା ରସିଦ ମଧ୍ୟ ଦେଖାଇଥିଲେ। ବନ୍ଧକ ସୁନା ଫେରାଇ ଆଣିବା ଲାଗି ବୁଧବାର ପ୍ରଦୀପ୍ତ ଘରୁ ୨୭ହଜାର ଟଙ୍କା ନେଇ ଯାଇଥିଲେ। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ନ ଫେରିବାରୁ ପରିବାର ଲୋକେ ଥାନାରେ ପ୍ରଦୀପ୍ତ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ରବିବାର ପଲ୍ଲା ତୋଟା ଏକ ଆମ୍ବଗଛରେ ଯୁବକଙ୍କ ମୃତଦେହ ଝୁଲୁଥିବା ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ଚିହ୍ନଟ କରିଥିଲେ। ମୃତଦେହ ନିକଟରୁ ପୋଲିସ ଏକ ବାଇକ୍ ଜବତ କରିଛି।



ଶାନ୍ତିଲତା ସ୍ମୃତି କମିଟି ପକ୍ଷରୁ ରବିବାର ଜଟଣୀ କୁଦିଆରି ବଜାରସ୍ଥିତ ଝରାବଧି ବସ୍ତିରେ ଅସହାୟଙ୍କୁ ଶୁଖିଲା ଖାଦ୍ୟ ସହ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଉଛି।

## ୧୪୭ ପଜିଟିଭ୍, ୧୭୧ ସୁସ୍ଥ

**ଖୋର୍ଦ୍ଧା ଅଫିସ,୨୭।୬**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସଂକ୍ରମଣ ହାର କମୁଥିବା ବେଳେ ସୁସ୍ଥ ହାର ବଢୁଛି। ରବିବାର ୧୪୭ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୭୧ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨୩, ବାଲିପାଟଣା ୭, ଭୁବନେଶ୍ୱର ବ୍ଲକ ୩, ଜଟଣୀ ୨୨, ଖୋର୍ଦ୍ଧା ୩୧, ବେଗୁନିଆ ୨୦, ବୋଲଗଡ଼ ୭, ଟାଙ୍ଗୀ ୨୫, ଚିଲିକା ୩ ଏବଂ ବାଣପୁରର ୬ଜଣ ରହିଛନ୍ତି। ଜିଲା ପ୍ରଶାସନ ରିପୋର୍ଟ ଅନୁସାରେ ୩,୯୬,୨୨୪ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୬,୦୬୨ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୫,୦୨୬ ସୁସ୍ଥ ହୋଇଛନ୍ତି। ୧୨୦ଜଣଙ୍କ ମୃତ୍ୟୁ ହୋଇଛି। ୯୧୬ ସକ୍ରିୟ ରହିଛନ୍ତି।

## ୫ ଦିନରେ କରୋନା ନେଲାଣି ୫୧ ଜୀବନ

**ଖୋର୍ଦ୍ଧା ଅଫିସ,୨୭।୬**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ମୃତ୍ୟୁ ସଂଖ୍ୟା ବଢ଼ୁଥିବା ସତ୍ତ୍ୱେ ପ୍ରଶାସନ ସ୍ତରରେ ଏହାକୁ ଉଲ୍ଲେଖ କରାଯାଉନାହିଁ। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ସ୍ତରରେ ଦୈନିକ କେତେ ସଂଖ୍ୟକ କୋଭିଡ୍‌ରେ ମୃତ୍ୟୁ ହେଉଛି, ଏହାର ତାଲିକା ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜିଲା ପ୍ରଶାସନକୁ ଅବଗତ କରାଯାଉଛି। ପ୍ରତି ଜିଲାରୁ କେତେ ସଂଖ୍ୟକ ମୃତ୍ୟୁ ହେଉଛି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦର୍ଶାଯାଉଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଗତ କିଛି ମାସ ହେବ ଘରୋଇ ସଙ୍ଗରୋଧରେ ରହି ମୃତ୍ୟୁବରଣ କରୁଥିବା ସଂକ୍ରମିତଙ୍କୁ କୋଭିଡ୍ ମୃତ୍ୟୁ ବୋଲି ଘୋଷଣା କରାଯାଉନଥିବା ନେଇ ଅସନ୍ତୋଷ ଦେଖାଦେଇଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଜୁନ ୨୧ ସୁଦ୍ଧା କୋଭିଡ୍ ମୃତ୍ୟୁସଂଖ୍ୟା ୬୯ ରହିଥିବା ବେଳେ ୨୫ ତାରିଖରେ ଏହା ୧୨୦କୁ ବୃଦ୍ଧି ପାଇଛି। ୫ ଦିନରେ ୫୧ଜଣ ମୃତ୍ୟୁବରଣ କରିଛନ୍ତି। ୨୭ ତାରିଖ ସୁଦ୍ଧା ମୃତ୍ୟୁସଂଖ୍ୟା ୧୨୦ରେ ରହିଛି। ଦୈନିକ ଜିଲା ପ୍ରଶାସନ ମୃତ୍ୟୁସଂଖ୍ୟାକୁ ଧୀରେ ଧୀରେ ବୃଦ୍ଧି କରୁଛନ୍ତି। ଦୈନିକ ଜିଲାରେ କେତେ ସଂଖ୍ୟକ କୋଭିଡ୍ ମୃତ୍ୟୁ ହେଉଛି ତା'ର ଠିକ୍ ରିପୋର୍ଟ ସାର୍ବଜନୀନ କରିବାକୁ ପିସିସି ମୁଖପତ୍ର ଅମିତ ମହାନ୍ତି ଦାବି କରିଛନ୍ତି।

**ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୃତକଙ୍କ ସଂଖ୍ୟା**

| ତାରିଖ | ୨୧ | ୨୨ | ୨୩ | ୨୪ | ୨୫ |
|---|---|---|---|---|---|
| ବାଲିଅନ୍ତା | ୧ | ୧ | ୧ | ୨ | ୪ |
| ବାଲିପାଟଣା | ୩ | ୩ | ୪ | ୪ | ୫ |
| ଭୁବନେଶ୍ୱର (ବ୍ଲକ) | ୭ | ୮ | ୮ | ୧୦ | ୧୧ |
| ଜଟଣୀ | ୮ | ୧୧ | ୧୨ | ୨୧ | ୨୩ |
| ଖୋର୍ଦ୍ଧା | ୨୦ | ୨୬ | ୨୭ | ୩୩ | ୩୫ |
| ବେଗୁନିଆ | ୪ | ୪ | ୪ | ୪ | ୪ |
| ବୋଲଗଡ଼ | ୯ | ୯ | ୯ | ୯ | ୯ |
| ଟାଙ୍ଗୀ | ୫ | ୭ | ୮ | ୧୨ | ୧୩ |
| ଚିଲିକା | ୫ | ୭ | ୮ | ୯ | ୯ |
| ବାଣପୁର | ୭ | ୭ | ୭ | ୭ | ୭ |
| **ମୋଟ** | ୬୯ | ୮୩ | ୮୮ | ୧୧୧ | ୧୨୦ |

## ଚୂଡ଼ା-ଅସନପଲ୍ଲୀ ରାସ୍ତା ଶୋଚନୀୟ

**ବୋଲଗଡ଼,୨୭।୬(ଡି.ଏନ୍.ଏ.)**



- ଯାତାୟାତ ବାଧାପ୍ରାପ୍ତ
- ରାସ୍ତା ମରାମତି ଦାବି

ସରକାର ଗ୍ରାମାଞ୍ଚଳର ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେବି ଅନେକ ଗ୍ରାମରେ ଭଲ ରାସ୍ତା ନ ଥିବାରୁ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳର ଅନେକ ରାସ୍ତାବସ୍ଥା ଶୋଚନୀୟ ହୋଇପଡ଼ିଛି, ଯାହାକି ଉପାନ୍ତ ଅଞ୍ଚଳର ଭ୍ରମ ସୃଷ୍ଟି କରୁଛି। ଏହି ବ୍ଲକ କାର୍ଯ୍ୟାଳୟଠାରୁ ୧ କିଲୋମିଟର ଦୂରରେ ଥିବା ଡାବରଧୁଆ ପାଟଣା ପଞ୍ଚାୟତର ଚୂଡ଼ା ଗ୍ରାମଠାରୁ ଅସନପଲ୍ଲୀ ରାସ୍ତା ଶୋଚନୀୟ ହୋଇପଡିଛି। ପ୍ରାୟ ୧ କିଲୋମିଟର ପର୍ଯ୍ୟନ୍ତ ଏହି ରାସ୍ତା କଦର୍ଯ୍ୟ ହୋଇପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଚୂଡ଼ା ଗ୍ରାମରୁ ଅସନପଲ୍ଲୀ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ରାସ୍ତା କଦର୍ଯ୍ୟ ଅବସ୍ଥାରେ ପଡ଼ିରହିଛି। ଏହି ରାସ୍ତାରେ ଯାନବାହନ ଯିବା ତ ଦୂରର କଥା, ପଥଚାରୀମାନେ ଯାତାୟାତ କରିବାରେ ମଧ୍ୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଫଳରେ ଜରୁରିକାଳୀନ ସେବା ପାଇଁ ଉକ୍ତ ରାସ୍ତାରେ ଯାଉଥିବା ବ୍ୟକ୍ତି ନର୍କ ଯନ୍ତ୍ରଣା ଭୋଗୁଥିବା କହିଛନ୍ତି। ରାସ୍ତାରେ ହୋଇଥିବା ଖାଲଖମାରେ ବର୍ଷାପାଣି ଜମି ରହିବା ସହ ଖସଡ଼ା ହୋଇଥିବାରୁ ଲୋକେ ଚାଲିକି ଯିବା ବି କଷ୍ଟକର ହୋଇପଡୁଛି। ଅସନପଲ୍ଲୀ, ଅରଖପଲ୍ଲୀ, ରାମସୁବୁଦ୍ଧି ପାଟଣା, ଚୂଡ଼ା, କେନ୍ଦୁପଲ୍ଲୀ ସମେତ ଅନେକ ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାସ୍ତା ଶୋଚନୀୟ ହୋଇପଡ଼ିଥିଲେ ମଧ୍ୟ ୧୦ବର୍ଷ ହେବ ଉକ୍ତ ରାସ୍ତା ମରାମତି ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି। ରାସ୍ତା ମରାମତି ପାଇଁ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ବର୍ଷାଦିନ ଆରମ୍ଭରୁ ରାସ୍ତା ଅବସ୍ଥା ବେହାଲ ହୋଇଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ରାସ୍ତା ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ୩ ପଥର ବୋଝେଇ ଟ୍ରକ୍ ଜବତ

ନିମାପଡା,(ଡି.ଏନ.ଏ): ନିମାପଡା ଥାନା ପୋଲିସ ରବିବାର ସ୍ଥାନୀୟ ପେଟ୍ରୋଲପମ୍ପ ନିକଟରୁ ୩ଟି ବେଆଇନ ପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି। ଆବଶ୍ୟକ କାଗଜ ପତ୍ର ନ ଥାଇ ବେଆଇନ ଭାବେ ମାଲପରିବହନ ଅଭିଯୋଗରେ ଏହି ୩ଟି ଟ୍ରକ୍ ଜବତ କରାଯାଇଛି। ଟ୍ରକ୍‌ଗୁଡିକର ନଂ. ଓଆର ୦୯ଇ୨୩୫୪, ଓଆର୦୯ଇ୩୨୩୦ ଓ ୦୧ଏକ୍ସ୦୭୧୧ ବୋଲି ଜଣାପଡିଛି। ତେବେ ଜବତ ପରେ ଡ୍ରାଇଭରମାନେ ଗାଡି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ପୋଲିସ ପୃଥକ ଭାବେ ନଂ. ୨୨୬, ୨୨୭, ୨୨୮/୨୧ରେ ୩ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତକିଛି ଦିନ ତଳେ ମଧ ସ୍ଥାନୀୟ ଥାନା ପୋଲିସ ନିମାପଡାରୁ ଅନ୍ୟ ଏକ ପଥର ବୋଝେଇ ଟ୍ରକ୍ ଜବତ କରିଥିଲେ।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୭।୦୬।୨୦୨୧

୧୧୪୦ ଟଙ୍କା

## ସଂକ୍ଷେପରେ

### ସକାଳେ ଛାତ ପଡ଼ିଲା, ସନ୍ଧ୍ୟାରେ ଭୁଶୁଡ଼ିଲା

ପୁରୀ ଅଫିସ,୨୭।୬: ପିପିଲି ବ୍ଲକ୍ ଯଶୁଆପୁର ପଞ୍ଚାୟତ ଅଧୀନ ଶିରିଆପୁର ଗାଁ ଭାଗବତ ଟୁଙ୍ଗି ଘର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଛାତ ଭୁଶୁଡ଼ିପଡ଼ିଛି। ରବିବାର ସକାଳେ ଛାତ ପଡ଼ିଥିବା ବେଳେ ସନ୍ଧ୍ୟାରେ ଏହା ଭୁଶୁଡ଼ି ପଡ଼ିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଠିକାଦାର ବିଜୟ ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ଛାତ ନିର୍ମାଣାଧୀନ ଥିବା ବେଳେ ଏହି ଅଘଟଣ ଘଟିଛି। କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ବେଳକୁ ଛାତ କୋଣର ଏକ ବହ୍ଲା ଖସିପଡ଼ିଥିଲା। ଫଳରେ ଛାତ ଭୁଶୁଡ଼ି ପଡ଼ିଛି। ତେବେ ପରେ ଛାତ କାମ ପୁଣି ଥରେ କାମ ଆରମ୍ଭ ହୋଇଥିବା ଠିକାଦାର ସୂଚନା ଦେଇଛନ୍ତି।

### ଦୋକାନରୁ ୨.୫୦ ଲକ୍ଷ ଟଙ୍କାର ମୋବାଇଲ ଚୋରି

ନିମାପଡ଼ା,୨୭।୬(ଡି.ଏନ୍.ଏ.)-ଚାରିଛକ ଫାଣ୍ଡି ଅନ୍ତର୍ଗତ ଚାରିଛକ ବଜାରରେ ଥିବା ଏକ ଦୋକାନର ତାଲା, ସିସିଟିଭି ଭାଙ୍ଗି ପ୍ରାୟ ୨ଲକ୍ଷ ୫୦ହଜାର ଟଙ୍କାର ମୋବାଇଲ ଫୋନ, ୫ହଜାର ଟଙ୍କା ଚୋରି ହୋଇଥିବା ରବିବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୨୨୨/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଧିକ ତଦନ୍ତ ପାଇଁ ପୁରୀର ସାଇଣ୍ଟିଫିକ ଅଫିସର ଏସ୍.ସରନ୍ୟା ସଦଳବଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ, ଫାଣ୍ଡି ନିକଟ ଓରପଟ ଗ୍ରାମର ବନବିହାରୀ ଦାସଙ୍କ ଚାରିଛକ ବଜାରରେ ଏକ ମୋବାଇଲ ଦୋକାନ ରହିଛି। ତେବେ କରୋନା ଯୋଗୁ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ରବିବାର ଦୋକାନ ନିକଟକୁ ବନବିହାରୀ ଦେଖିବାକୁ ଆସିଥିବାବେଳେ ଦୋକାନ ପଛପଟ ତାଲା ଓ ସିସିଟିଭି ଭଙ୍ଗା ଯାଇଥିଲା। ଭିତରେ ବହୁ ଦାମୀ ମୋବାଇଲ ଫୋନ ଚୋରି ହୋଇଯାଇଥିବାବେଳେ ନଗଦ ଟଙ୍କା ମଧ ନ ଥିବାରୁ ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଖବରଦାତାଙ୍କ ପରଲୋକ

ଡେଲାଙ୍ଗ,୨୭।୬(ଡି.ଏନ୍.ଏ.)- ଡେଲାଙ୍ଗ ଅଞ୍ଚଳର ଯୁବ ଖବରଦାତା ଦୀପକ ମିଶ୍ରଙ୍କ ରବିବାର ପରଲୋକ ଘଟିଛି। ତାଙ୍କୁ ୩୮ ବର୍ଷ ହୋଇଥିଲା। ସେ କିଛିଦିନ ଉଚ୍ଚ ରକ୍ତଚାପରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ଅଚାନକ ମୃତ୍ୟୁକୁ ନେଇ ଡେଲାଙ୍ଗ ଅଞ୍ଚଳରେ ଖବରଦାତାଙ୍କ ମଧରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁବେଳକୁ ତାଙ୍କ ପାଖରେ ସାନ ଭାଇ ଗୋବିନ୍ଦ ଚନ୍ଦ୍ର ମିଶ୍ର(କୁନୁ) ଉପସ୍ଥିତ ଥିଲେ। ପାର୍ଥିବ ଶରୀରକୁ ଗ୍ରାମକୁ ଅଣାଯାଇ ବଜାର ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଦୀପକଙ୍କ ବିୟୋଗ ଖବର ପାଇ ଡେଲାଙ୍ଗ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ, ସିପିଆଇଏମଏଲ ନେତା ଅଶୋକ ପ୍ରଧାନ, କିଶାନ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ବିଶ୍ୱରଞ୍ଜନ ବଳବନ୍ତରାୟଙ୍କ ସହିତ ସ୍ଥାନୀୟ ଖବରଦାତାମାନେ ପ୍ରମୁଖ ଉପସ୍ଥିତ ରହି ଶୋକ ପ୍ରକାଶ କରିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ଗୋପ,୨୭।୬(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ପରାଳ ଗ୍ରାମରେ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିରଞ୍ଜନ ରାଉତ (୩୪)। ସୂଚନାଯୋଗ୍ୟ, ନିରଞ୍ଜନ ପଡ଼ିଶା ଘରୁ ଏକ ଟେବୁଲ ଫ୍ୟାନ ମାଗିକି ଆଣିଥିଲେ । ସେ ଘରେ ଫ୍ୟାନ୍ ଲଗାଇବା ବେଳେ ତାଙ୍କୁ କରେଣ୍ଟ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିରଞ୍ଜନ ପୂର୍ବରୁ ପୁରୀରେ ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। କରୋନା ଯୋଗୁ ଆସି ଗାଁରେ ରହୁଥିଲେ। ନିରଞ୍ଜନ ଅତି ଗରିବ ପରିବାରରେ ହୋଇଥିବାବେଳେ ପରିବାରର ରୋଜଗାରକ୍ଷମ ଥିଲେ। ତାଙ୍କର ୨ ଝିଅ ମଧ ଅଛନ୍ତି। ତେଣୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ନାଗପୁର ପଞ୍ଚାୟତ ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ ପୁରୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ମିଳୁନି ସେବା

**ଅଲଟ୍ରାସାଉଣ୍ଡ ପାଇଁ ଘରୋଇ କେନ୍ଦ୍ର ଯିବାକୁ ପଡୁଛି**

- ନିର୍ଦ୍ଦିଷ୍ଟ କେନ୍ଦ୍ରର ନାମ ସୁପାରିସ କରୁଛନ୍ତି ଡାକ୍ତର
- ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ: ଏଡିଏମ୍‌ଓ

ପୁରୀ ଅଫିସ,୨୭।୬:

'ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଆବଶ୍ୟକ ସେବା ମିଳୁନାହିଁ। ବିଶେଷକରି ଅଲଟ୍ରାସାଉଣ୍ଡ ସେବା ମିଳୁ ନ ଥିବାବେଳେ ବେସରକାରୀ କେନ୍ଦ୍ରକୁ ଯିବା ପାଇଁ ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସୁପାରିସ କରୁଛନ୍ତି। ଯେଉଁ ସୁବିଧା ମୁଖ୍ୟ ଚିକିତ୍ସାଳୟରେ ମାଗଣାରେ ମିଳିବା କଥା, ସେଥିପାଇଁ ରୋଗୀଙ୍କୁ ପ୍ରାୟ ୧ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏପରି କି କିଛି ନିର୍ଦ୍ଦିଷ୍ଟ ବେସରକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ରକୁ ଯିବା ପାଇଁ ରୋଗୀଙ୍କୁ ବାଧ କରାଯାଉଛି।' ବୀରହରେକୃଷ୍ଣପୁରର ଅଜୟ କୁମାର ପ୍ରଧାନ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଅଜୟ କହିଛନ୍ତି, ତାଙ୍କ ବାପାଙ୍କର ମୁଣ୍ଡ ଓ ପେଟ ବ୍ୟଥା ହେଉଥିଲା। ତେଣୁ ବାପାଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ଆଣି ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ଏକ ଘରୋଇ ଅଲଟ୍ରାସାଉଣ୍ଡ ସେଣ୍ଟରରୁ ରିପୋର୍ଟ ଆଣିବାକୁ ତାଙ୍କୁ ଡାକ୍ତର କହିଥିଲେ। ଏହାପରେ ବାଧ ହୋଇ ସେ ଘରୋଇ ଅଲଟ୍ରାସାଉଣ୍ଡ ସେଣ୍ଟରରେ ଟେଷ୍ଟ କରାଇ ରିପୋର୍ଟ ଆଣିଥିଲେ। ପୁରୀ ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ଥିଲେ ମଧ ତାଙ୍କ ବାପାଙ୍କୁ ଏହି ସେବା ମିଳି ନ ଥିଲା। ଅନ୍ୟପକ୍ଷରେ ଏ ନେଇ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ଏଡିଏମ୍‌ଓ) ପ୍ରଣବ ପ୍ରକାଶ ଦାସ କହିଛନ୍ତି, ଏଠାରେ କେବଳ ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଇଁ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ରହିଛି। ଗର୍ଭବତୀଙ୍କ ବ୍ୟତୀତ ଅନ୍ୟ ରୋଗୀଙ୍କ ଅଲଟ୍ରାସାଉଣ୍ଡ କରାଯାଉନାହିଁ। ନିକଟ ଭବିଷ୍ୟତରେ ମଧ ଏହି ସେବା ମିଳିବାର ସମ୍ଭାବନା କମ୍। କାରଣ, ଅଲଟ୍ରାସାଉଣ୍ଡ ଚଳାଇବା ପାଇଁ ଟେକ୍ନିସିଆନ୍ ଆବଶ୍ୟକ। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଥିଲାଗି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଏନେଇ ଅବଗତ କରାଯାଇଛି। ସେହିପରି କୌଣସି ଡାକ୍ତର ନିର୍ଦ୍ଦିଷ୍ଟ ଘରୋଇ ଅଲଟ୍ରାସାଉଣ୍ଡ କେନ୍ଦ୍ରକୁ ଯିବା ପାଇଁ ରୋଗୀଙ୍କୁ ସୁପାରିସ କରିପାରିବେ ନାହିଁ। ଏଭଳି ଅଭିଯୋଗ ସାମ୍ନାକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଘରୋଇ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକ ଏସବୁ ଅବ୍ୟବସ୍ଥାର ଫାଇଦା ଉଠାଉଛନ୍ତି। ସରକାରୀ ଡାକ୍ତରମାନଙ୍କ ସହ ସଲାସୁତୁରା କରି ରୋଗୀଙ୍କୁ ନିଜ କେନ୍ଦ୍ରକୁ ନେବା ଲାଗି ଚେଷ୍ଟା କରୁଛନ୍ତି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସମ୍ପ୍ରତି ପ୍ରତିଦିନ ୫୦ରୁ ଊର୍ଦ୍ଧ୍ୱ ରୋଗୀ ଅଲଟ୍ରାସାଉଣ୍ଡ ଟେଷ୍ଟ ନିମନ୍ତେ ଆସୁଛନ୍ତି। ତେବେ କେବଳ ସ୍ତ୍ରୀ ଓ ପ୍ରସୂତି ବିଭାଗ ରୋଗୀଙ୍କର ଅଲଟ୍ରାସାଉଣ୍ଡ କରାଯାଉଛି। ଫଳରେ ଅଧିକାଂଶ ରୋଗୀଙ୍କୁ ଘରୋଇ କେନ୍ଦ୍ରକୁ ଯିବାକୁ ପଡୁଛି। ସେଠାରେ ସେମାନଙ୍କୁ ଆର୍ଥିକ ଶୋଷଣ କରାଯାଉଛି। ପୁରୀରେ ଘରୋଇ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ନ କରିବାକୁ ଚାହିଁଲେ, ରୋଗୀଙ୍କୁ ଭୁବନେଶ୍ୱର ଯିବାକୁ ପଡ଼ିବ। ତେବେ ରୋଗୀ ଭୁବନେଶ୍ୱର ଯାଇ ଖର୍ଚ୍ଚାନ୍ତ ହେବା ସହ ସମୟ ନଷ୍ଟ ହେବ। ଏଣୁ ଘରୋଇ କେନ୍ଦ୍ରରେ ଅଲଟ୍ରାସାଉଣ୍ଡ କରିବାକୁ ରୋଗୀମାନେ ବାଧ। ଉଲ୍ଲେଖଯୋଗ୍ୟ, ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ସମସ୍ୟା ଦୀର୍ଘଦିନ ହେବ ଲାଗିରହିଛି। ଏନେଇ ଅନେକ ଥର ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ଜିଲା ପ୍ରଶାସନକୁ ଦାବିପତ୍ର ଦିଆଯାଇଛି, ମାତ୍ର ପଦକ୍ଷେପ ନିଆଯାଇନାହିଁ।




କୋଭିଡ୍ ସଚେତନତା ନେଇ ରବିବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

## ବରିଷ୍ଠରେ ଦେବଦର୍ଶନୀ, କନିଷ୍ଠରେ ଅନନ୍ୟା ପିନ୍ଧିଲେ ରଜ ରାଜକନ୍ୟା ମୁକୁଟ

କାକଟପୁର/ଅସ୍ତରଙ୍ଗ, ୨୭।୬ (ଡି.ଏନ୍.ଏ.)

ଏଣ୍ଟରଟେନମେଣ୍ଟ ୱାର୍ଲଡ ତରଫରୁ ୟୁଟ୍ୟୁବ ମାଧମରେ ଦୀର୍ଘ ଦୁଇ ମାସ ଧରି ଚାଲିଥିବା ରଜ ରାଜକନ୍ୟା ଗ୍ରାଣ୍ଡ ଫାଇନାଲ ସରିଯାଇଛି। ସାଧାରଣଜ୍ଞାନ, ପାରମ୍ପରିକ ନୃତ୍ୟ, ଝୋଟି, ମେହେନ୍ଦି, ରଜ ସଜବାଜ, ଭାରତୀୟ ସଂସ୍କୃତି ସମ୍ପନ୍ନ ଫ୍ୟାଶନ ଶୋ ଓ ଅଭିନୟ ଉପରେ ପ୍ରତିଯୋଗିତା କରାଯାଇଥିଲା। କାକଟପୁର-ଅସ୍ତରଙ୍ଗ ମୂଳାଗଡ ଅଞ୍ଚଳର ଜାହ୍ନବୀ ସୁହାସିନୀ କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ଥିବାବେଳେ ସହାୟକ ଭାବେ ଢେଙ୍କାନାଳର ପର୍ଶୁରାମ ରାୟ ଓ କେନ୍ଦୁଝରର ବିଶ୍ୱମ୍ଭର ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମର ଉପସ୍ଥାପକ ଭାବେ ଭୁବନେଶ୍ୱରର ଶ୍ରୀୟା ସୁମନ ଓ ବିଚାରକ ବ୍ୟଙ୍ଗ କବି ସର୍ବଗିଳା ରତ୍ନାକର ବେହେରାଙ୍କୁ ମନୋନୟନ କରାଯାଇଥିଲା। ତେବେ ବରିଷ୍ଠ ବିଭାଗରୁ ଦେବଦର୍ଶନୀ ପରିଡା, କନିଷ୍ଠ ବିଭାଗରୁ ଅନନ୍ୟା ଦାଶ ରଜ ରାଜକନ୍ୟା ମୁକୁଟ ପିନ୍ଧିଥିବା ବେଳେ, ବରିଷ୍ଠ ବିଭାଗରୁ ପ୍ରଥମ ଓ ଦ୍ୱିତୀୟ ରନର୍ସ ରୂପେ ରାଧାଂଶୁ ରାଣୀ ପ୍ରଧାନ, ପ୍ରିୟଦର୍ଶନୀ ଓଝା ଏବଂ କନିଷ୍ଠ ବିଭାଗରୁ ପ୍ରଥମ, ଦ୍ୱିତୀୟ ରନର୍ସ ଭାବେ ମାନ୍ୟତା ଆଚାର୍ଯ୍ୟ ଓ ତନିଶା ପ୍ରଧାନ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମର ସ୍ୱତନ୍ତ୍ର ପ୍ରତିଭାର ଅଧିକାରିଣୀ ଭାବେ ସାନନ୍ଦୀ ରତ୍ନା ସିଂଙ୍କୁ ପୁରସ୍କୃତ କରାଯାଇଥିଲା।

## ରଥଖଳାରୁ

### ତିନି ରଥର ରଙ୍ଗ କାମ ଆରମ୍ଭ



ପୁରୀ ଅଫିସ ୨୭।୬:

ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ପ୍ରାୟ ୯୦ ଭାଗ ସରିଥିବାବେଳେ ବାକି କାମ ଦ୍ରୁତଗତିରେ ଆଗେଇ ଚାଲିଛି। ରବିବାର ସନ୍ଧ୍ୟା ସୁଦ୍ଧା ତିନିରଥର ଦ୍ୱିତୀୟ ଓ ତୃତୀୟ ଭୂଇଁରେ କଇଁଚି ଫିଟିଂ ହୋଇଛି। ଏହି କଇଁଚି ଦ୍ୱୟ ଭୂଇଁ ଚାରିକାଠର ଉଭୟ ପାର୍ଶ୍ୱରେ କ୍ରସ କରି ଭୂଇଁ କଣ୍ଟା ବାଡ଼ିଆ ଯାଇ ସେଟ କରାଯାଇଛି। ଏଥିସହ ତିନିରଥ ସମ୍ମୁଖ ଭାଗ ଓ ପଛ ଭାଗରେ ଦୁଇଟି ଲେଖାଏ କତରା ଫିଟିଂ କରାଯାଇଛି। ତିନିରଥର ପାରାଭାଡ଼ିକୁ ମିଶାଇ ୧୩ ପରସ୍ତ ପୋଟଳ ନିର୍ମାଣ ସରିଛି। ପାରାଭାଡ଼ି ରଙ୍ଗ ସହ ପାରା ଚିତ୍ର ଅଙ୍କନ ପରେ ସମସ୍ତ ପୋଟଳ ରଥ ଉପରେ ଫିଟିଂ ହେବ। ତିନିରଥର ବେଦି ସମ୍ମୁଖ ଭାଗରେ ତାଗ ପଡ଼ିବା ସମ୍ପୂର୍ଣ୍ଣ ହୋଇଛି। ତାଳଧ୍ୱଜ ଓ ଦେବଦଳନ ରଥର ସିଂହାସନରେ କୁମ୍ଭ ଡାଳି ଲତା ଖୋଦେଇ କାମ ସରିଛି। ରୂପକାର ସେବକମାନେ ନନ୍ଦିଘୋଷ ରଥ ସିଂହାସନରେ କୁମ୍ଭ ଡାଳି ଲତା ଓ ନାଟ ଗୋଡ଼ରେ ରାହୁରୂପ ଖୋଦେଇରେ ଶେଷ ସ୍ପର୍ଶ ଦେଉଛନ୍ତି। ସେହିପରି ଚିତ୍ରକର ସେବକମାନେ ରବିବାରଠାରୁ ରଙ୍ଗଦେବା ଆରମ୍ଭ କରିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ପ୍ରକୋଷ୍ଠରେ ଦରଜି ସେବକମାନେ ମାଳ ମାହାର୍ଦ୍ଦ ସହ ନଡ଼ିଆ ପିଟି ଅନୁକୂଳ ପୂଜା ସହ ଦୁଆରବେଢା ପାଇଁ ରଥକନା କଟିଂର ଶୁଭାରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝାସେବକମାନେ କଣ୍ଟା ପ୍ରସ୍ତୁତିରେ ଲାଗିଛନ୍ତି।

## ରଥଖଳାରେ ମହାରଣା ସେବକ ଗୁରୁତର

**ଆଖିତଳେ ବାଜିଲା ହାତୁଡ଼ି**

ପୁରୀ ଅଫିସ, ୨୭।୬:

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତେବେ ରବିବାର ରଥଖଳାରେ ଏକ ଅଘଟଣ ଘଟିଛି। ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ କାମ ଚାଲିଥିବାବେଳେ ଆଖି ପାଖରେ ହାତୁଡ଼ି ବାଜିବାରୁ ଜଣେ ମହାରଣା ସେବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପୁରୀ ସଦର ଗୋପୀନାଥପୁର ଅଞ୍ଚଳର ବଂଶୀଧର ମହାରଣା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ତାଳଧ୍ୱଜ ରଥ କତରାରେ କଣ୍ଟା ପିଟାଯାଉଥିଲା। ବଂଶୀଧର ମୁଗୁର ଧରିଥିବାବେଳେ ଅନ୍ୟ ଜଣେ ମହାରଣା ସେବକ ହାତୁଡ଼ିରେ କଣ୍ଟା ପିଟୁଥିଲେ। ଏହି ସମୟରେ ହଠାତ୍ ସମ୍ପୃକ୍ତ ମହାରଣା ସେବକଙ୍କ ହାତରୁ ହାତୁଡ଼ି ଖସି ବଂଶୀଧରଙ୍କ ଆଖିତଳେ ବାଜିଥିଲା। ଫଳରେ ବଂଶୀଧର ଯନ୍ତ୍ରଣାରେ ଚିତ୍କାର କରିଉଠିଥିଲେ। ତାଙ୍କୁ ଅନ୍ୟ ସହକର୍ମୀମାନେ ଉଦ୍ଧାର କରି ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନର ଆମ୍ବୁଲାନ୍ସରେ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯାଇଛି। ସମ୍ପୃକ୍ତ କ୍ଷତ ସ୍ଥାନରେ ୯ଟି ଷ୍ଟିଚ୍ ପଡ଼ିଛି। ତେବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ରଥ ନିର୍ମାଣ ଲାଗି ଦଣ୍ଡା କାଠ ନେଉଥିବା ବେଳେ ଜଣେ ଭୋଇ ସେବକ ଆହତ ହୋଇଥିଲେ।

## ଆସ୍ଥା, ସମର୍ପଣ, ଅନୁଭବର ଠାକୁର ଶ୍ରୀଜଗନ୍ନାଥ

ପୁରୀ ଅଫିସ, ୨୭।୬:

ଶ୍ରୀକ୍ଷେତ୍ର ସୂଚନା ଆନୁକୂଲ୍ୟରେ ରବିବାର ଜାତୀୟସ୍ତରୀୟ ଭର୍ଚୁଆଲ ପ୍ଲାଟଫର୍ମରେ 'ମୋ ଅନୁଭୂତିରେ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପର୍ଯ୍ୟଟନ, ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଆସ୍ଥା, ବିଶ୍ୱାସ, ସମର୍ପଣ ଏବଂ ଅନୁଭବର ଠାକୁର ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱବନ୍ଦିତ ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବେଦ ଓ ଶଙ୍ଖଧ୍ୱନି ମଧରେ ସିଂହଦ୍ୱାରଠାରେ ସେବାୟତ ସୌମେନ୍ଦ୍ର ମୁଦୁଲି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନୁଷ୍ଠାନ ଉପଦେଷ୍ଟା ଗୀତିକାର ବଦ୍ରି ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ରାଜେଶ କୁମାର ମହାନ୍ତି ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ୍ କୁମାର, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ଗୁଜରାଟସ୍ଥିତ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ମିଶ୍ର, ଅନୁଷ୍ଠାନର ଅଧକ୍ଷ ପ୍ରଭାକର ଶତପଥୀ, ଉପଦେଷ୍ଟା ହରେକୃଷ୍ଣ ଶତପଥୀ, ଓଡିଶା ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଟିକାୟତରାୟ ପ୍ରମୁଖ ଯୋଗଦେଇଥିଲେ। ଉପାଧକ୍ଷ ଭରତ ନାୟକ ଧନ୍ୟବାଦ ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ନୃତ୍ୟକୁ ନେଇ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆଗାମୀ ଦିନରେ ସର୍ବଭାରତୀୟ ଲୋକନୃତ୍ୟ ଦଳକୁ ନେଇ ଏକ ଜାତୀୟ ଭର୍ଚୁଆଲ ସମାବେଶ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି କହିଥିଲେ।

## ଭୁଲ କୋଭିଡ୍ ରିପୋର୍ଟ ଯୋଗୁ ସେବାରୁ ବଞ୍ଚିତ ସେବକ

ପୁରୀ ଅଫିସ, ୨୭।୬:

ପୁରୀ ଜିଲାରେ ସ୍ୱାସ୍ଥ୍ୟ ବିଭାଗର ଅବହେଳା ଦେଖିବାକୁ ମିଳିଛି। ଭୁଲ୍ କୋଭିଡ୍ ରିପୋର୍ଟ ଯୋଗୁ ଜଣେ ସେବାୟତଙ୍କୁ ସେବାରୁ ବଞ୍ଚିତ ହେବାକୁ ପଡ଼ିଛି। ତାଙ୍କୁ ଭୁଲ କୋଭିଡ୍ ରିପୋର୍ଟ ଦିଆଯାଇ ସ୍ନାନଯାତ୍ରାରେ ପାଳି କରିବାରୁ ବଞ୍ଚିତ କରାଯାଇଥିବା ଶ୍ରୀମନ୍ଦିର ଘଣ୍ଟୁଆ ନିଯୋଗ ସମ୍ପାଦକ ତଥା ଶ୍ରୀମନ୍ଦିର କାହାଳିଆ ସେବକ ସୁବାସ ଚନ୍ଦ୍ର ମହାନ୍ତି ଅଭିଯୋଗ ଆଣିଛନ୍ତି। ସ୍ନାନଯାତ୍ରାରେ ନିୟୋଜିତ ହେବାକୁ ଥିବା ସେବକମାନଙ୍କ କୋଭିଡ ଟେଷ୍ଟ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କାହାଳିଆ ସେବକ ମହାନ୍ତି ୨୨ ତାରିଖରେ ନିଜ କୋଭିଡ ଟେଷ୍ଟ କରାଇଥିଲେ। ତେବେ ତାଙ୍କ ରିପୋର୍ଟ ପଜିଟିଭ ଆସିଛି ବୋଲି ସ୍ନାନଯାତ୍ରା ଦିନ ତାଙ୍କୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ତାଙ୍କୁ ସେବା କରିବାକୁ ବାରଣ କରାଯିବା ସହ ୧୪ଦିନ ସଙ୍ଗରୋଧରେ ରହିବାକୁ କୁହାଯାଇଥିଲା। ତେବେ ତାଙ୍କ ଶରୀରରେ କରୋନାର କୌଣସି ଲକ୍ଷଣ ପ୍ରକାଶ ନ ପାଇବାରୁ ସେ ଘରୋଇ ମେଡିକାଲରେ ପରୀକ୍ଷା କରାଇଥିଲେ। ରିପୋର୍ଟ ନେଗେଟିଭ ଆସିଥିଲା। ସେ ଉକ୍ତ ରିପୋର୍ଟକୁ ଶ୍ରୀମନ୍ଦିର ପ୍ରଶାସନକୁ ଦେଖାଇଥିଲେ ମଧ ତାହାକୁ ଗ୍ରହଣ କରାଯାଇ ନ ଥିଲା। ତେଣୁ ମହାନ୍ତି ମୋଟିସାହି କଲ୍ୟାଣମଣ୍ଡପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଲାଯାଇଥିବା ଶିବିରରେ ୨୪ତାରିଖରେ ପୁଣି ଥରେ ପରୀକ୍ଷା କରାଇଥିଲେ। ପରୀକ୍ଷା ରିପୋର୍ଟ ଶନିବାର ଆସିଥିଲା। ଯେଉଁଥିରେ ସେ ନେଗେଟିଭ ଥିବା ଉଲ୍ଲେଖ ରହିଥିଲା। ତେବେ ଦୁଇଦିନ ମଧରେ ୩ ରିପୋର୍ଟ ମଧରୁ ଗୋଟିକରେ ପଜିଟିଭ କିପରି ହେଲା ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। ପ୍ରଥମ ରିପୋର୍ଟ ଭୁଲ ଥିବାରୁ ସେ ମହାପ୍ରଭୁଙ୍କ ସେବାରୁ ବଞ୍ଚିତ ହେଲେ, ତେଣୁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମହାନ୍ତି ଦାବି କରିଛନ୍ତି। ନଚେତ ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଗାଁ ରାସ୍ତାରେ ଶ୍ମଶାନ ଗୃହ ନିର୍ମାଣକୁ ବିରୋଧ

ଗୋପ,୨୭।୬(ଡି.ଏନ୍.ଏ.)

ଗୋପ ବ୍ଲକ ଅନ୍ତର୍ଗତ ଭୋଗପଡା ଗାଁ ରାସ୍ତା ଉପରେ ଏକ ଶ୍ମଶାନ ଗୃହ ନିର୍ମାଣ ଚାଲିଛି। ଏ ନେଇ ଗ୍ରାମବାସୀ ନିର୍ମାଣ କାର୍ଯ୍ୟକୁ ବିରୋଧ କରିବା ସହ ବିଡିଓ, ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ବିଡିଓ ଦୀପ୍ତିରାଣୀ ଦାସ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ତଦନ୍ତ ରିପୋର୍ଟ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମହଲପଡା ପଞ୍ଚାୟତର ଭୋଗପଡା ଗାଁରେ ଖାତା ନଂ. ୮୧, ପ୍ଲଟ ନଂ. ୧୧୪ରେ ଏକ ଡିସିମିଲ ଜମି ଶ୍ମଶାନ ଲାଗି ସଂରକ୍ଷିତ ରହିଛି। ହେଲେ ପଞ୍ଚାୟତ ପକ୍ଷରୁ ଅନ୍ୟତ୍ର ଶ୍ମଶାନ କରାଯିବାରେ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ବନ୍ଦ କରାଯାଇଥିଲା। ପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାପଚୁପ କରାଯାଇଥିଲେ ମଧ ଏହାକୁ ଭୁଲ ରିପୋର୍ଟ ଦିଆଯାଇଥିଲା। ତେବେ ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ଏକ ଶ୍ମଶାନଗୃହ ପାଇଁ କୁହାଯିବା ପରେ ଏବେ ତାହାର ନିର୍ମାଣ କାର୍ଯ୍ୟ ଚାଲୁଛି। ହେଲେ ଉକ୍ତ ସ୍ଥାନରେ ପୂର୍ବରୁ ଗାଁକୁ ରାସ୍ତା ଲାଗି ୧ ଲକ୍ଷ ଟଙ୍କାରେ ପଞ୍ଚାୟତ ରାସ୍ତା ନିର୍ମାଣ ହୋଇଥିଲା। ଏବେ ଏହି ଗାଁ ରାସ୍ତାକଡ଼ରେ ଶ୍ମଶାନ ନିର୍ମାଣ କରାଯାଉଥିବା ବେଳେ ଶ୍ମଶାନର ୪୦ ଭାଗ ରାସ୍ତା ଉପରକୁ ମାଡ଼ି ଆସିଛି। ଏହି କାର୍ଯ୍ୟକୁ ନେଇ ଏବେ ଭୋଗପଡା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓ କହିଛନ୍ତି, ଅଭିଯୋଗ ଅନୁସାରେ ତଦନ୍ତ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍

କୋଣାର୍କ ,୨୭।୬(ଡି.ଏନ୍.ଏ.)

ସୂର୍ଯ୍ୟମନ୍ଦିର ପାଇଁ କୋଣାର୍କ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଦେଶ ବିଦେଶରୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ଲାଗି ଉନ୍ନତମାନର ସ୍ୱାସ୍ଥ୍ୟସେବା ଉପଲବ୍ଧ ହୋଇପାରୁନାହିଁ। କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦେବା ସହ ଆବଶ୍ୟକସଂଖ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କୁ ଖବରଦାତା ତଥା ସାମାଜିକକର୍ମୀ ଭାଗୀରଥି ସ୍ୱାଇଁ ଟୁଇଟ ଯୋଗେ ନିବେଦନ କରିଛନ୍ତି। ଏ ଦିଗରେ ତୁରନ୍ତ ସକାରାତ୍ମକ ଉତ୍ତର ମିଳିବ ବୋଲି ସ୍ୱାଇଁ ଆଶା ରଖିଛନ୍ତି।



ଦରଜି ସେବକମାନେ ରବିବାର ରଥ କନା କାମ ଆରମ୍ଭ କରୁଛନ୍ତି ।

## ଓଡ଼ିଶା ପାଇଁ ଗୌରବ ଆଣିଲେ ପୂଜାରାଣୀ

**ଅପେରା ଇଣ୍ଡିଆଜ୍ ସୁପର ମଡେଲ ପ୍ରତିଯୋଗିତାରେ ଦ୍ୱିତୀୟ**

ପିପିଲି,୨୭।୬(ଡି.ଏନ୍.ଏ.)

ମହାମାରୀ କରୋନା ଯୋଗୁ ସଭା, ସମିତି କାର୍ଯ୍ୟକ୍ରମ ସବୁ ବନ୍ଦ ରହିଥିବାବେଳେ ଅନେକେ ଯୁବତୀଯୁବକ ଅନ୍‌ଲାଇନ ମାଧ୍ୟମରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମରେ ଭାଗନେଇ ସଫଳତା ସାଉଁଟୁଛନ୍ତି। ଏଭଳି ଏକ ସର୍ବଭାରତୀୟ ମଡେଲିଂ ପ୍ରତିଯୋଗିତାରେ ଓଡ଼ିଆ ଝିଅ ପୂଜାରାଣୀ ନାୟକ (୨୨) ଭାଗନେଇ ସଫଳତା ହାସଲ କରିଛନ୍ତି। ସେଥିରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ପୁରୀ ଜିଲା ପିପିଲି ପୌରାଞ୍ଚଳ ପଣ୍ଡାବଜାର ବଣିଆସାହି ଅଞ୍ଚଳର ବାସିନ୍ଦା ବିଜୟ କୁମାର ନାୟକ ଓ ସଂଯୁକ୍ତାଙ୍କ ଝିଅ ପୂଜାରାଣୀ ଜଣେ ଆୟୁର୍ବେଦିକ ଡାକ୍ତରୀ ଛାତ୍ରୀ ହୋଇଥିବା ବେଳେ ଭବିଷ୍ୟତରେ ଜଣେ ଡାକ୍ତର ହେବା ସହ ସମାଜସେବାରେ ନିଜକୁ ସମର୍ପିତ କରିବାର ସ୍ୱପ୍ନ ରଖିଛନ୍ତି। ପୂଜାରାଣୀଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଥିବା ବେଳେ ଆଗାମୀ ପିପିଲି ମହୋତ୍ସବରେ ତାଙ୍କୁ ପିପିଲି ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ମହୋତ୍ସବ କମିଟି ମୁଖ୍ୟ ଖବରଦାତା ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ଓ ସମ୍ପାଦକ ଶଙ୍କର୍ଷଣ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅପେରା ଇଣ୍ଡିଆଜ୍ ସୁପର ମଡେଲ ୨୦୨୧ ସର୍ବଭାରତୀୟ ପ୍ରତିଯୋଗିତା ଗତ ମାର୍ଚ୍ଚ ୭ ତାରିଖରେ ଭର୍ଚୁଆଲ ମାଧମରେ ଆରମ୍ଭ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଗତ ୨୦ ତାରିଖରେ ଏହାର ଫାଇନାଲ ରାଉଣ୍ଡରେ ୩୯ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶା ଝିଅ ପୂଜାରାଣୀ ଶ୍ରେଷ୍ଠ ୫ଜଣଙ୍କ ମଧରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।



ପୂଜାରାଣୀ ନାୟକ

ଏହି ଫାଇନାଲ ରାଉଣ୍ଡରେ ଆୟୋଜକ ସଂସ୍ଥାର ମୁଖ୍ୟ ଅନୁଜ କୁଲଶ୍ରେଷ୍ଠାଙ୍କ ସମେତ ଶୈଳଜା ସୁରୀ, ନେହା ସିଂହ ଓ ପି.ଏସ୍ ଗୀତ ପ୍ରମୁଖ ବିଚାରପତି ଭାବେ ଯୋଗଦେଇଥିଲେ। ପୂଜାରାଣୀଙ୍କ ଏହି ସଫଳତା ପାଇଁ ପିପିଲି ପୌରାଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପିଲାଟି ଦିନରୁ ନାଚ, ଗୀତ ଓ ମଡେଲିଂ ପ୍ରତି ସ୍ୱତନ୍ତ୍ର ରୁଚି ରଖିଥିବା ପୂଜାରାଣୀ ନିଜ ଛାତ୍ରଜୀବନରେ ଅନେକ ସଫଳତା ପାଇଥିବା ବେଳେ ଏହି ସୁପର ମଡେଲ ପ୍ରତିଯୋଗିତାରେ ସେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରି ସଫଳତା ଆଣିଥିବାରୁ ନିଜକୁ ବେଶ୍ ଗର୍ବିତ ମନେ କରୁଥିବା କହିଛନ୍ତି। ବ୍ରହ୍ମପୁରର କେଏଟିଏସ୍ ଆୟୁର୍ବେଦିକ କଲେଜରେ ସେ ଡାକ୍ତରୀ ଛାତ୍ରୀଭାବେ ଶିକ୍ଷାଲାଭ କରୁଛନ୍ତି। ଜାତୀୟ ସ୍ତରରେ ନୃତ୍ୟ ଓ ମଡେଲିଂ କ୍ଷେତ୍ରରେ ରାଜ୍ୟ ପାଇଁ ସେ ସର୍ବଦା ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ରଖିଥିବା ପ୍ରକାଶ କରିଛନ୍ତି।